



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୯ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 MAY 2023

Vol.No. 34 ■ No. 121 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...


ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୃଷ୍ଟି ହେଲା ଲଘୁଚାପ: ଓଡିଶାକୁ ନାହିଁ ବାତ୍ୟା ଭୟ : ଆଇଏମଡି ଡିଜି



ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ ଘନୀଭୂତ ହୋଇ ଆଜି ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତାକାଲି ଏହି ଲଘୁଚାପ କ୍ଷେତ୍ରଟି ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବା।୧୦ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ବାତ୍ୟାର ରୂପ ନେବା ପରେ ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତିକରି ବାଂଲାଦେଶ- ମିଆଁମାର ଆଡକୁ ମୁହାଁଇପାରେ ବୋଲି ଆଇଏମଡି ପକ୍ଷରୁ ସୂଚନା ମିଳିଛି । ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଆହୁରି ଘନୀଭୂତ ହୋଇ ଏକ ଅତି ଭୀଷଣ ବାତ୍ୟାରେ ପରିଣତ ହେବ । ଏହା ବାଂଲାଦେଶ ଓ ମିଆଁମାର ଅଭିମୁଖେ ଗତି କରିବାର ସମ୍ଭାବନା ରହିଛି। ଓଡ଼ିଶା ପ୍ରତି କୌଣସି ବିପଦର ଆଶଙ୍କା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାପାତ୍ର କହିଛନ୍ତି ଯେ ଏହି ଲଘୁଚାପ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ସୁଦ୍ଧା ଏକ ଡିପ୍ରେସନରେ ପରିଣତ ହୋଇ ଉତର ଓ ଉତରପଶ୍ଚିମ ଦିଗରେ ଗତି କରିବ । ମେ ୧୦ରେ ଏହା ଏକ ସାମୁଦ୍ରିକ ବାତ୍ୟା ରୂପ ନେବ। ମେ ୧୨ ତାରିଖ ସୁଦ୍ଧା ଏହା ଏକ ଅତି ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ବାଂଲାଦେଶ ଓ ମିଆଁମାର ଆଡ଼କୁ ଗତି କରିବ। ତେବେ ଏହି ବାତ୍ୟା ପଶ୍ଚିମବଙ୍ଗର କେତେ ନିକଟ ହୋଇଯାଉଛି ତାହା ଉପରେ ନଜର ରଖାଯାଇଛି । ଲଘୁଚାପ ଏକ ଡିପ୍ରେସନରେ ପରିଣତ ହେବା ପରେ ଆଇଏମଡି ଏହାର ଲାଣ୍ଡଫଲ ସ୍ଥାନ ଓ ସମୟ ସଂପର୍କରେ ପୂର୍ବାନୁମାନ କରିପାରିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟା ନେଇ ବର୍ତମାନ ସ୍ଥିତିରେ ଓଡ଼ିଶା ପାଇଁ କିଛି ୱାର୍ଣ୍ଣିଂ ନାହିଁ। ବର୍ଷା ଓ ପବନ ନେଇ ମଧ କିଛି ୱାର୍ଣ୍ଣିଂ ନାହିଁ। ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ପାଇଁ କିଛି ୱାର୍ଣ୍ଣିଂ ନାହିଁ। ତେବେ ଏହା ପଶ୍ଚିମବଙ୍ଗ ଉପକୂଳର କେତେ ନିକଟ ହେଉଛି, ତାହା ଉପରେ ନଜର ରଖା ଯାଇଛି।

## କେରଳରେ ଡଙ୍ଗା ବୁଡି ଘଟଣା : ୨୨ ମୃତ



ନୂଆଦିଲ୍ଲୀ,୦୮/୦୫ : କେରଳରେ ଡଙ୍ଗା ବୁଡି ଘଟଣାରେ ଆଉ ୨ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା । ଡଙ୍ଗା ବୁଡିରେ ମୋଟ ୨୨ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୫ରୁ ଅଧିକ ଶିଶୁଥିବା ନେଇ ସୂଚନା । ତେବେ ଏହି ଘଟଣାକୁ ନେଇ ପୁରା କେରଳରେ ଶୋକର ଛାୟା ଖେଳିଯାଇଛି । ମୃତକଙ୍କ ପରିବାରରେ ଦୁଃଖର ପାହାଡ ଖସିପଡିଛି । କେରଳର ମଲପୁରମ ଜିଲ୍ଲାର ତନୁର ନିକଟରେ ଗତକାଲି ରାତିରେ ଏକ ଯାତ୍ରୀବାହୀ ଡଙ୍ଗା ଦୁର୍ଘଟଣାଗସ୍ତ ହୋଇଥିଲା । ଦୁର୍ଘଟଣା ସମୟରେ ଡଙ୍ଗାରେ ୪୦ରୁ ୫୦ ଜଣ ଯାତ୍ରୀ ଥିବା ନେଇ ସୂଚନା ମିଳିଛି। ଯୁଦ୍ଧକାଳୀନ ଭିତିରେ ଗତକାଲି କିଛି ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ପର୍ଯ୍ୟଟକଙ୍କ ମଧ୍ୟରୁ କିଛି ନିଖୋଜ ଥିବାରୁ ସେମାନଙ୍କୁ ଠାବ କରିବାକୁ ପ୍ରୟାସ ଜାରି ରହିଛି । ରାତି ସମୟରେ ଦୁର୍ଘଟଣା ଘଟିଥିବାରୁ ଉଦ୍ଧାରକାରୀ ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା । ସୂଚନା ମୁତାବକ, ଅପରାହ୍ଣ ୫ଟାରେ ଏହି ଯାତ୍ରିବାହୀ ଡଙ୍ଗା ପର୍ଯ୍ୟଟକଙ୍କୁ ନେଇ ଯାତ୍ରା ଆରମ୍ଭ କରିଥିଲା । ଉକ୍ତ ଡଙ୍ଗାରେ ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଉପକରଣ ନଥିବା ନେଇ ମଧ ସୂଚନା ମିଳିଛି ।ଏହି ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଟ୍ୱିଟ୍ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସେହିପରି ଆହତଙ୍କୁ ଶୀଘ୍ର ଆଶୁଆରୋଗ୍ୟ କାମନା କରିଛନ୍ତି । କେରଳର କଂଗ୍ରେସ କର୍ମକର୍ତ୍ତାଙ୍କୁ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାକୁ ଅପିଲ କରିଛନ୍ତି । ନିଖୋଜ ଥିବା ଯାତ୍ରୀଙ୍କୁ ଉଦ୍ଧାର ପାଇଁ ଉଦ୍ଧାରକାରୀ ଦଳ ଲାଗିପଡ଼ିଛି । ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନ ଉପସ୍ଥିତ ରହି ତଦାରଖ କରୁଛି ।

## କଂଗ୍ରେସ ନେତୃତ୍ୱ ଉପରେ ବର୍ଷିଲେ ଚିରଂଜୀବ ବିଶ୍ୱାଳ

ଭୁବନେଶ୍ୱର, ୦୮/୦୫ (ନି.ପ୍ର): କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଚିରଂଜୀବ ବିଶ୍ୱାଳ କଂଗ୍ରେସ ନେତୃତ୍ୱ ଉପରେ ବର୍ଷିଛନ୍ତି। ସେ ପିସିସି ସଭାପତି ଙ୍କୁ ସିଧାସଳଖ ଟାର୍ଗେଟ କହିଛନ୍ତି ଆମ ଦଳର ରୋଗ ଅଛି ଯିଏ ପିସିସି ସଭାପତି ହେଇଯିବ ସେ କାହାକୁ ପଚାରିବନି। ଯାହା କି ଆମ ଦଳର ବଡ଼ ରୋଗ । କଂଗ୍ରେସ ଦଳରେ ନେତୃତ୍ୱ ସଙ୍କଟ ରହିଛି । ପ୍ରଚାର କେମିତି ଚାଲିଛି କାହାକୁ ଡାକୁ ଛନ୍ତି ତାହା ଜଣା ପଡୁନି। ନିର୍ବାଚନ ଲଢ଼ିବା ମନୋ ବୃତ୍ତି ନାହିଁ ଆଉ କଂଗ୍ରେସରେ । ୯ ଜଣ ବିଧାୟକରେ ୨୦ ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ । ୧୪୭ ଟି ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ପ୍ରାର୍ଥୀ ଆଉ ମିଳିବେନି ।

## ପୁଣି ଲେଉଟିଲା ତାତି : ୪୦ ଡିଗ୍ରୀ ଉପରେ ୧୪ ସହର



ଭୁବନେଶ୍ୱର, ୦୮/୦୫ (ନି.ପ୍ର): ରାଜ୍ୟକୁ ପୁଣି ଫେରିଛି ତାତି । ରାଜଧାନୀ ସମେତ ରାଜ୍ୟର ଅଧିକାଂଶ ସହରରେ ଭୀଷଣ ଖରା ଓ ଗୁଳୁଗୁଳି ପରିଲକ୍ଷିତ ହେଉଛି। ଆଗକୁ ତାପମାତ୍ରା ଆହୁରି ବଢିବାର ସମ୍ଭାବନା ରହିଛି। ସୋମବାର ୪୦ ଡିଗ୍ରୀ ଉପରେ ରାଜ୍ୟର ୧୪ ସହରର ତାପମାତ୍ରା ରେକର୍ଡ ହୋଇଛି। ୪୨ ଡିଗ୍ରୀ ସହ ବୌଦ୍ଧ ସର୍ବାଧିକ ଉତପ୍ତ ସହର ପାଲଟିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ଓ ସମ୍ବଲପୁରରେ ୪୧.୬ ଡିଗ୍ରୀ , ରାଉରକେଲା ୪୧.୪ ଡିଗ୍ରୀ, ଅନୁଗୁଳ ୪୧.୧ ଡିଗ୍ରୀ, ସୁନ୍ଦରଗଡ଼ ୪୧ ଡିଗ୍ରୀ , ତାଳଚେର ୪୦.୮ଡିଗ୍ରୀ , ବଲାଙ୍ଗିର ଓ ଜଗତସିଂହପୁର ୪୦.୫ ଡିଗ୍ରୀ , ଚାନ୍ଦବାଲି ୪୦.୨ ଡିଗ୍ରୀ, ଟିଟଲାଗଡ, ସୋନପୁର, ନୟାଗଡ ଓ କେନ୍ଦ୍ରାପଡାରେ ୪୦ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି କଟକ ୩୯.୫ ଏବଂ ଭୁବନେଶ୍ୱର ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ୩ୟ ମେଣ୍ଟ ଗଠନ ଉଦ୍ୟମ ଜୋରଦାର

### ନବୀନଙ୍କୁ ଭେଟିବା ପରେ ଶରଦ ପାୱାର ଓ ଉଦ୍ଧବଙ୍କୁ ଭେଟିବାକୁ ମୁମ୍ବାଇ ଯିବେ ନୀତୀଶ



ନୂଆଦିଲ୍ଲୀ,୦୮/୦୫ : ଆସନ୍ତା ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ପୂର୍ବରୁ ପୁଣି ଏକ ୩ୟ ମେଣ୍ଟ ଗଠନ ପାଇଁ ଉଦ୍ୟମ ଜୋରଦାର ହୋଇଛି । ଏହି ମେଣ୍ଟକୁ ସଫଳ କରିବାକୁ ବିହାର ମୁଖ୍ୟମନ୍ତ୍ରୀ ବିଭିନ୍ନ ଆଂଚଳିକ ଦଳର ମୁଖ୍ୟମାନଙ୍କୁ ଭେଟୁଛନ୍ତି । ଏହି କ୍ରମରେ ସେ ୯ ତାରିଖରେ ଭୁବନେଶ୍ୱର ଆସି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ । ଏହାର ଦୁଇଦିନ ପରେ ଆସନ୍ତା ୧୧ ତାରିଖରେ ନୀତୀଶ ମୁମ୍ବାଇ ଗସ୍ତରେ ଯାଇ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଅଧକ୍ଷ ଶରଦ ପାୱାରଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହି ସାକ୍ଷାତ ପୂର୍ବରୁ ପାୱାର ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାରର ବିକଳ୍ପ ଦେଶକୁ ଦରକାର । "ନୀତୀଶ କୁମାର ମେ ୧୧ରେ ମୁମ୍ବାଇ ଆସୁଛନ୍ତି। ଆମେ ଭେଟିବୁ, ଯଦିଓ ମୋ ପାଖରେ ଏହା ବିଷୟରେ ସମ୍ପୂର୍ଣ୍ଣ ସୂଚନା ନାହିଁ । ଆମର ମତ ହେଉଛି ଦେଶରେ (ବିଜେପି ସରକାରର) ଏକ ବିକଳ୍ପର ଆବଶ୍ୟକତା ରହିଛି "ଶରଦ କହିଛନ୍ତି । ଗତ ମାସରେ ନୀତୀଶ ଆମ୍ ଆଦମୀ ପାର୍ଟି ର ଆବାହକ ଅରବିନ୍ଦ କେଜ୍ରିୱାଲ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଏବଂ ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ୯ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନୀତୀଶ କୁମାର ଗୁରୁବାର (ମେ ୧୧) ମୁମ୍ବାଇରେ ଶରଦ ପାୱାର ଏବଂ ଉଦ୍ଧବ ଠାକରେଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ସୁକମାରେ ଡିଆରଜି ଯବାନ-ନକ୍ସଲ ମୁହାଁମୁହିଁ: ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

ରାୟପୁର, ୦୮/୦୫ (ନି.ପ୍ର): ଛତିଶଗଡ଼ ସୁକମାରେ ଏନକାଉଣ୍ଟର । ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ଯବାନଙ୍କ ପାଲଟା ଆକ୍ରମଣରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି । ଡିଆରଜି ଯବାନ ଓ ସୁକମା ପୋଲିସ ଡନ୍ତେସପୁରମ୍ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରିଖିଛନ୍ତି । ସୂଚନା ଅନୁଯାୟୀ, ଯବାନ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ଭେଜି ଅଞ୍ଚଳରେ ହୋଇଛି। ସର୍ଚ୍ଚ ଅପରେସନ ବେଳେ ଯବାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ ନକ୍ସଲ । ପୋଲିସର ପାଲଟା ଜବାବରେ ଦୁଇ ମାଓବାଦୀ ନିହତ ହୋଇଥିବା ସୁକମା ପୋଲିସ କହିଛି ।

### ଝାରସୁଗୁଡା ଉପନିର୍ବାଚନ

## ସରିଲା ପ୍ରଚାର: ୧୦ରେ ମତଦାନ



ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଆସନ୍ତା ୧୦ ତାରିଖରେ ଝାରସୁଗୁଡା ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଝାରସୁଗୁଡାରେ ମୋଟ ୨୫୩ ବୁଥରେ ମତଦାନ ହେବ। ସେଥିମଧ୍ୟରେ ୨୬ଟି ପିଙ୍କ୍ ବୁଥ୍ ରହିଛି। ସକାଳ ୭ଟାରୁ ସଂଧ୍ୟା ସାଢେ ୬ ଟା ଯାଏଁ ଭୋଟିଂ ହେବ। ପୋଲିଂ ପାର୍ଟିମାନେ ନିଜ ନିଜ ବୁଥ୍ ରେ ପହଂଚିସାରିଛନ୍ତି। ସେହିପରି ଉପନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଂଜ ବିହାରୀ ଧଳ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୋମବାର ଅପରାହ୍ନରେ ଉପନିର୍ବାଚନକୁ ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିକୁଞ୍ଜ ଧଳ କହିଛନ୍ତି ଯେ ସୋମବାର ସନ୍ଧ୍ୟା ୬ଟା ପରେ ଝାରସୁଗୁଡାରେ ▶▶ପୃଷ୍ଠା ୭

## ଓଡ଼ିଶା ସାହିତ୍ୟ ଏକାଡେମୀ ସାରସ୍ୱତ ସମ୍ବର୍ଦ୍ଧନା ଗ୍ରହଣ କଲେ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା



ବାଲେଶ୍ୱର, ୦୮/୦୫ (ନି.ପ୍ର): ଦୀର୍ଘ ତିନିବର୍ଷର ପ୍ରତୀକ୍ଷାର ଅନ୍ତ ଘଟି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ପୁରସ୍କାର ଅତିବଡ଼ୀ ସହ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକସାଧିକାଙ୍କ ସମ୍ବର୍ଦ୍ଧନା ଉତ୍ସବ ୮ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ୧୯୬୧ ମସିହାରୁ ପ୍ରଦାନ କରାଯାଉଥିବା ବରିଷ୍ଠ ଲେଖକ ସମ୍ବର୍ଦ୍ଧନା କ୍ରମରେ ବାଲେଶ୍ୱରରୁ ୨୦୨୨ ମସିହା ପାଇଁ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ତଥା ଔପନ୍ୟାସିକ ଓ ସ୍ତମ୍ଭକାର ସୃଷ୍ଟିଧର ପରିଡ଼ା ଏହି ସମ୍ବର୍ଦ୍ଧନା ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ହସ୍ତରୁ ଗ୍ରହଣ କରିଥିଲେ। ନଗଦ ୧ ଲକ୍ଷ ଟଙ୍କା ଅର୍ଥରାଶି, ତାମ୍ରଖୋଦିତ ପ୍ରଶସ୍ତି ଫଳକ, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପାଇବାପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି । ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା , ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ ଓ ସଚିବ ପ୍ରବୋଧ କୁମାର ରାଉତ ଉପସ୍ଥିତ ଥିଲେ। ଅତୀବଡ଼ୀ ପୁରସ୍କାର ପାଇଥିଲେ ଡ. ପ୍ରତିଭା ରାୟ, ଡ. ସୀତାକାନ୍ତ ମହାପାତ୍ର, ଓ ଶ୍ରୀନିବାସ ଉଦ୍‌ଗାତା। ସେମାନଙ୍କୁ ନଗଦ ୫ ଲକ୍ଷ ଟଙ୍କା ସହ ପ୍ରଶସ୍ତିପତ୍ର, ଅଙ୍ଗ ବସ୍ତ୍ର ଦିଆଯାଇଥିଲା। ଶ୍ରୀ ପରିଡ଼ା ୩୫ ବର୍ଷ ଧରି ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ର ପ୍ରକାଶ କରି ଆସୁଥିଲେ। ଔପନ୍ୟାସ, ପ୍ରବନ୍ଧ ସହ ସ୍ତମ୍ଭ ନିୟମିତ ଭାବେ ଲେଖି ଜଣେ ସୁଲେଖକ ଭାବେ ଆଦୃତ ହୋଇଥିଲେ। ଶ୍ରୀ ପରିଡ଼ା ଏକାଡେମୀ ସମ୍ବର୍ଦ୍ଧନା ପ୍ରାପ୍ତ ହୋଇଥିବାରୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନାର ପ୍ରଦାନ କରାଯାଇଛି।

## ଛାତ ଉପରେ ଖସି ପଡ଼ିଲା ଫାଇଟର ଜେଟ୍: ୨ ମୃତ

ନୂଆଦିଲ୍ଲୀ,୦୮/୦୫ :ରାଜସ୍ଥାନର ହନୁମାନଗଡ଼ରେ ଦୁର୍ଘଟଣାଗ୍ରସ୍ତ ହେଲା ବାୟୁସେନା ବିମାନ ମିଗ୍-୨୧ ଫାଇଟର ଜେଟ୍ । ହନୁମାନଗଡ଼ର ବହଲୋଲ ନଗର ଗାଁର ଜଣେ ବ୍ୟକ୍ତିଙ୍କ ଛାତ ଉପରେ ବିମାନଟି ଖସି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପାଇଲଟ ଆହତ ହୋଇଛନ୍ତି। ବାୟୁସେନା ଅଧିକାରୀଙ୍କ ସୂଚନା ଅନୁସାରେ , ଆଜି ସକାଳେ ବାୟୁସେନା ବିମାନ ମିଗ୍-୨୧ ଫାଇଟର ଜେଟ୍ ସୁରତଗଡ଼ରୁ ଉଡ଼ିଥିଲା। ତେବେ ବହଲୋଲ ନଗରରେ ଉଡୁଥିବା ବେଳେ ବିମାନଟି ଜଣେ ବ୍ୟକ୍ତିଙ୍କ ଛାତ ଉପରେ ଗଳି ପଡ଼ିଥିଲା। ଫଳରେ ଘରଟି ଧ୍ୱସଂବିଧ୍ୱସଂ ହୋଇ ଯାଇଥିବା ବେଳେ ବିମାନଟି ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଗାଁ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଖବର ପାଇ ପୁଲିସ୍ ପହଞ୍ଚିଥିବା ଜଣାଯାଇଛି। ଏନେଇ ବାୟୁସେନା ଅଧିକାରୀଙ୍କୁ ସୂଚନା ଦିଆଯାଇଥିବା ବିକାନିର ଏସ୍‌ପି ସୂଚନା ଦେଇଛନ୍ତି । ▶▶ପୃଷ୍ଠା ୭

# ବସ୍ ହକରଙ୍କୁ ନିର୍ମମ ହତ୍ୟା

ଗଞ୍ଜାମ, ୦୮/୦୫ (ନି.ପ୍ର): ବ୍ରହ୍ମପୁର ଫାଷ୍ଟଗେଟ୍ ଡୁଡୁମା କଲୋନୀ ନିକଟ ଆଚାର୍ଯ୍ୟ ବିହାର ଅଂଚଳରେ ଗତକାଲି ବିଳମ୍ବିତ ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଜଣେ ବସ୍ ହକର୍ ଙ୍କୁ ଗୋଡାଇ ଗୋଡାଇ ନିର୍ମମ ଭାବେ ହାଣି ହତ୍ୟା କରାଯାଇଛି । ଖବର ପାଇ ବଡବଜାର ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶବକୁ ଜବତ କରି ପୋଲିସ ଘଟଣାର ତଦନ୍ତ କରୁଛି । ଆଚାର୍ଯ୍ୟବିହାର ଅଂଚଳର ସନାତନ ଚୌଧୁରୀ (୫୬) ଜଣେ ବସ୍ ହକର୍ ଭାବେ କାର୍ଯ୍ୟ କରୁଥିଲେ । ଗତ ରାତିରେ ସେ ଘରକୁ ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଗୋଡାଇ ଗୋଡାଇ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ ହତ୍ୟାକାଣ୍ଡ ଘଟିଥିବା ସ୍ଥାନ କେଉଁ ଥାନା ଅଧିନରେ ରହିଛି, ସେନେଇ ଦୁଇ ଥାନାର ଅଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ ଦେଖାଦେଇଥିଲା । ଶେଷରେ ଏହା ସଦର ଥାନା ଅଧିନ ଆମ୍ବଗଡ଼ ପଂଚାୟତରେ ଆସୁଥିବା ବଡବଜାର ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ହତ୍ୟାକାଣ୍ଡର କାରଣ ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇନାହିଁ ।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ପୁରୀ, ୦୮/୦୫ (ନି.ପ୍ର): ମଙ୍ଗଳାଘାଟ ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର,ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ କୃଷ୍ଣପ୍ରସାଦ ଆଚାର୍ଯ୍ୟ, ଉପଦେଷ୍ଟା ବିଶ୍ୱରଞ୍ଜନ ରଥ,ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ରାଉତରାୟ, ସଂପାଦକ ବିଜୟ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶିଶୁ ମାନଙ୍କର ଶୈକ୍ଷିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଦିଗମ୍ବର ମାଝି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା । କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଆଚାର୍ଯ୍ୟା ଲିପସା ରାଉତ,ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରାଜଶ୍ରୀ ସାହୁ, ସୁନିତା ନାୟକ, ରଞ୍ଜିତା ସେନାପତି, ଜୟନ୍ତୀ ସାମନ୍ତରାୟ, ରାଜଲକ୍ଷ୍ମୀ ସାମନ୍ତରାୟ, ବିଦ୍ୟାଳୟର ମାଉସୀ ସୁମିତ୍ରା ପଣ୍ଡା,ନୃତ୍ୟ ଗୁରୁ ହରିହର ସାହୁ ଓ ସବିତା ପଣ୍ଡାଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଦଶମ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ତୃପ୍ତିମୟୀ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା । ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା କୁନି କୁନି ପିଲାମାନଙ୍କର ନାଚଗୀତରେ ମନ୍ତ୍ରମୁଗ୍ଧ ହୋଇ ପଡ଼ିଥିଲେ ।

# କୋଭିଡ୍ ଟିକା ଉତ୍ପାଦନ କେବେ ? : ଲକ୍ଷ୍ୟଠାରୁ ପଛରେ ଚାଲିଛି ଓଡ଼ିଶା ବାୟୋଟେକ୍ ପାର୍କ



ଭୁବନେଶ୍ୱର , ୦୮/୦୫ (ନି.ପ୍ର): କୋଭିଡ୍ ଆଉ ମହାମାରୀ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ଏହି ଘୋଷଣା ହୋଇଛି। ହେଲେ କୋଭିଡ୍ ବିରୋଧୀ ଲଢ଼େଇର ପ୍ରମୁଖ ଅସ୍ତ୍ର ହେଉଛି ଟିକା। ଜୁନ୍ ୨୦୨୨ ମସିହା ସୁଦ୍ଧା ରାଜଧାନୀ ଉପକଣ୍ଠ ଅନ୍ଧାରୁଆଠାରେ ନିର୍ମାଣ ହେଉଥିବା ଟିକା ଉତ୍ପାଦନ ୟୁନିଟ୍‌ରେ କୋଭାକ୍ସିନ୍ ଟିକା ଉତ୍ପାଦିତ ହୋଇଥାନ୍ତା। ଏହା ଭିତରେ ଡେଡ୍‌ଲାଇନ୍ ବା ଧାର୍ଯ୍ୟ ସମୟକୁ ବର୍ଷେ ବିତିବାକୁ ବସିଲାଣି, ଏହି ୟୁନିଟ୍‌ରେ ଟିକା ଉତ୍ପାଦନ ସ୍ଥିତି ଅସ୍ପଷ୍ଟ। କେବଳ କୋଭାକ୍ସିନ୍ ନୁହେଁ, ଆହୁରି ୧୦ ପ୍ରକାରର ଟିକା ଏଠାରେ ଉତ୍ପାଦନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ଏହାର ସ୍ଥିତି ଏବେ କ'ଣ ତାହା ସଂପର୍କରେ କେହି ମୁହଁ ଖୋଲୁ ନାହାନ୍ତି। କମ୍ପାନି କର୍ତ୍ତୃପକ୍ଷ ଆଲୋଚନା କରିବାକୁ ଚାହୁଁ ନ ଥିବା ବେଳେ ରାଜ୍ୟ ସରକାରଙ୍କ ଏକାଧିକ ବିଭାଗ ଚୁପ୍।

ଭାରତ ବାୟୋଟେକ୍ ଇଣ୍ଟରନାସନାଲ ଲିମିଟେଡ୍ (ବିବିଆଇଏଲ୍) ଓ ରାଜ୍ୟ ସରକାରଙ୍କ ସହଯୋଗରେ ଅନ୍ଧାରୁଆଠାରେ ଓଡ଼ିଶା ବାୟୋଟେକ୍ ପାର୍କରେ ଟିକା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯାଉଛି। ଇଡ୍‌କୋ ପକ୍ଷରୁ ଏଥିପାଇଁ ଜାଗା ଯୋଗାଇ ଦିଆଯାଇଛି। ଏହି ୟୁନିଟ୍‌ରୁ କୋଭିଡ୍ ବାଦ୍ ଏଠାରେ ମ୍ୟାଲେରିଆ, ଜେଇ, ରାବିଜ୍, ଇନ୍‌ଫ୍ଲୁଏଞ୍ଜା, ଡ୍ରଗ୍ ରେଜିଷ୍ଟାଣ୍ଟ ଷ୍ଟାଫିଲୋକକସ ଅରେଇଜ୍, ରୋଟାଭାଇରସ ଡାଇରିଆ ଭଳି ଟିକା ଉତ୍ପାଦନ କରାଯିବ ବୋଲି ଘୋଷଣା ହୋଇଛି। ୨୦୨୧ ମସିହା ମେ'ମାସରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ବାୟୋଟେକ୍ କାର୍ଯ୍ୟକାରିତା କମିଟିର ବୈଠକ ବସିଥିଲା। ଏଥିରେ ୨୦୨୨ ଜୁନ୍ ବେଳକୁ ଏହି ୟୁନିଟ୍‌ରେ କୋଭିଡ୍ ଟିକା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଭିତରେ କୋଭିଡ୍‌ର ଏକାଧିକ ଲହର ଆସି ଥମି ଗଲାଣି। ଓଡ଼ିଶାରେ ମଧ ଲକ୍ଷାଧିକ କୋଭାକ୍ସିନ୍ ଟିକା ଦିଆଯାଇଛି। ହେଲେ ଏସବୁ ଟିକା ଅନ୍ୟ ୟୁନିଟ୍‌ରେ ପ୍ରସ୍ତୁତ ହୋଇଛି। ଓଡ଼ିଶାରେ ଥିବା ୟୁନିଟ୍‌ରୁ କୋଭିଡ୍ ଟିକା ଉତ୍ପାଦନ ଆଶା ମଉଳି ଯାଇଛି। ମାତ୍ର ଅନ୍ୟ ଟିକାସବୁ ଅନ୍ଧାରୁଆ ୟୁନିଟ୍‌ରୁ କେବେସୁଦ୍ଧା ଉତ୍ପାଦନ ହେବ ତାହା ଉପରେ ଏବେ ନିଜର ରହିଛି। ଅନ୍ଧାରୁଆରେ ଟିକା ଉତ୍ପାଦନ ୟୁନିଟ୍ ଘୋଷଣା ହେବା ପରେ ଭାରତ ବାୟୋଟେକ୍‌ର ପ୍ରତିଷ୍ଠାତା ତଥା ଅଧକ୍ଷ ଡା.କ୍ରୀଷ୍ଣା ଏଲା ୨୦୨୧ ଅଗଷ୍ଟ ୪ ତାରିଖରେ ଭୁବନେଶ୍ୱର ଆସିବା ସହିତ ୟୁନିଟ୍ ବୁଲି ଦେଖିଥିଲେ। ପରବର୍ତ୍ତୀ ସମୟରେ ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ରଙ୍କ ସହ ଏ ସଂପର୍କରେ ଆଲୋଚନା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାଇଦ୍ରାବାଦ ଗସ୍ତ ସମୟରେ ମଧ ଉଭୟଙ୍କ ଭେଟଘାଟ ହୋଇଥିଲା। ହେଲେ କେବେଠାରୁ ଟିକା ଉତ୍ପାଦନ ହେବ ତାହା ସଂପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ଗତ ୨ବର୍ଷ ଭିତରେ ଓଡ଼ିଶା ବାୟୋଟେକ୍ ପାର୍କରେ ଟିକା ଉତ୍ପାଦନ ସ୍ଥିତି ସଂପର୍କରେ ଜାଣିବା ଲାଗି ଉଦ୍ୟମ ହୋଇଥିଲା। ମାତ୍ର ସୁରକ୍ଷାକର୍ମୀ ପାର୍କ ଭିତରକୁ ପ୍ରବେଶ ପାଇଁ ଅନୁମତି ଦେଇ ନ ଥିଲେ। ତେବେ ଏବେ ବି ୟୁନିଟ୍‌ରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ୟୁନିଟ୍‌ର ମାନବ ସମ୍ବଳ ଅଧିକାରୀ ଭିଏସ୍‌ଏସ୍ ମଦନ ମୋହନଙ୍କ ସହ ଆଲୋଚନା କରିବା ପାଇଁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ କଥା ହେବାକୁ ମନା କରିଦେଇଥିଲେ। ଏ ସଂପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଓ ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଦୁହେଁ କୌଣସି ଉତ୍ତର ଦେଇ ନ ଥିଲେ।

# ବିଶ୍ୱକବି ରବୀନ୍ଦ୍ରନାଥଙ୍କୁ ଜନ୍ମଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ବିଧାୟକ ପ୍ରଫୁଲ୍ଲ ସାମଲ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ ରାଉତରାଏ, ଅଧାପକ ଡ଼ଃ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସୁଶାନ୍ତ ସାହୁ, ଗୁରୁଚରଣ ସାହୁ, ସତ୍ୟବ୍ରତ ଜେନା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଅନୁବାଦ ସାହିତ୍ୟ ଦ୍ୱାରା ବିଭିନ୍ନ ଭାଷାରେ ରଚିତ ସାହିତ୍ୟକୃତି ବିଶ୍ୱପାଠକମାନଙ୍କ ନିକଟରେ ପହଁଚି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସେଥିପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ସହ ପ୍ରତିଷ୍ଠିତ ଲେଖକମାନଙ୍କ ରଚନାର ଅନୁବାଦ ହେବା ଆବଶ୍ୟକ ଯାହା ଦ୍ୱାରା ସାହିତ୍ୟ ପରିବ୍ୟାପ୍ତ ହେବ ବୋଲି ସେମାନେ ଉଲ୍ଲେଖ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ରାଉତରାଏ କହିଲେ ଯେ ଆଗାମୀ ଦିନରେ ସାହିତ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ ହେବ । ଓଡ଼ିଆ ପୁସ୍ତକକୁ ଅନ୍ୟ ଭାଷାରେ ଏବଂ ଅନ୍ୟ ପ୍ରସିଦ୍ଧ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିବାକୁ ବ୍ୟବସ୍ଥା କରାଯିବ । ସ୍ୱାଧୀନତା ପୂର୍ବର ଗଡ଼ଜାତ ଆନ୍ଦୋଳନ ନେତା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଧର୍ମପତ୍ନୀ ବିଶିଷ୍ଟ ଲେଖିକା ଓ ଚିତ୍ରଶିଳ୍ପୀ ଫ୍ରିଡାଙ୍କ ମ୍ୟାରେଜ ଟୁ ଇଣ୍ଡିଆ ପୁସ୍ତକର ଓଡ଼ିଆ ଅନୁବାଦ କରାଯିବ । ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଶ୍ରୀ ରାଉତରାଏ ମତବ୍ୟକ୍ତ କରିଥିଲେ । ଏହା ବ୍ୟତୀତ ଆଗାମୀ ଦିନରେ ବରପୁତ୍ରମାନଙ୍କ ସ୍ମୃତି ରକ୍ଷା ସହ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ସହ ଦେଶ ଓ ବିଦେଶରେ ରହୁଥିବା ଓଡ଼ିଆମାନଙ୍କ ସହଯୋଗରେ ପାଳନ କରିବାକୁ ବ୍ୟବସ୍ଥା କରାଯାଇ ଓଡିଶାକୁ ପୂଜ୍ୟପୂଜା କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଦେଶର ମଡେଲ ଭାବେ ସ୍ଥାନିତ କରାଯିବ । ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

# ବେଆଇନ କାଠ ବେପାର: ବନ ବିଭାଗ ଓ ଭିଜିଲାନ୍ସର ୨ଟି ସ୍ଥାନରେ ଚଢାଉ

କୋରେଇ, ୦୮/୦୫ (ନି.ପ୍ର): ବନ ବିଭାଗ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଂଚାୟତର ବଣହରା ଗ୍ରାମର ସୁଶାନ୍ତ ରାଉତ ଓ ପଥରପଦା ପଂଚାୟତ ଅନ୍ତର୍ଗତ ନୂଆପଦା ଗ୍ରାମର ଦୁଃଶାସନ ଓଝାଙ୍କ ଘରେ ମିଳିତ ଚଢାଉ କରାଯାଇଥିଲା। ଚଢାଉ ସମୟରେ ଉଭୟ ସ୍ଥାନରୁ ୭୦ ସିଫ୍ଟରୁ ଊର୍ଦ୍ଧ (ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କରୁ ଊର୍ଦ୍ଧ ) ଜବତ କରିଥିଲେ। ସୁଶାନ୍ତଙ୍କ ଘର ପଛ ପଟୁ ୪୦ ସିଫ୍ଟ ଶାଳ, ପୁଟିଆ ଓ ଦୁଶାସନଙ୍କ ଘରୁ ୩୦ ସିଫ୍ଟ ଫାଶୀ କାଠ ଜବତ କରିଥିଲେ। ଜବତ କାଠକୁ ବନ ବିଭାଗ ପକ୍ଷରୁ ଏକ ଗାଡିରେ ଯାଜପୁରରୋଡ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି। ଏଥି ସହିତ ବେପାରୀ ସୁଶାନ୍ତ ଓ ଦୁଶାସନଙ୍କୁ ବନ ବିଭାଗ ଗିରଫ କରିନେଇଥିଲା। ଡିଏଫଓ ଅସିତ କୁମାର ଶତପଥିଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ ହୋଇଥିଲା। ଏହି ଚଢାଉରେ ରେଂଜର ଜ୍ୟୋତି ରଂଜନ ମହାପାତ୍ର, ଫରେଷ୍ଟର ନିଳୀମା ପ୍ରିୟଦର୍ଶନୀ ନାୟକ, ଦୁର୍ଯ୍ୟୋଧନ ବେଜ , କଟକ ଭିଜିଲାନ୍ସ ବିଭାଗର ଫରେଷ୍ଟର ବାଲାଇ ମୁର୍ମୁ, ଫରେଷ୍ଟ ଗାର୍ଡ ସୋନାଲି ମାଝୀ, ଫରେଷ୍ଟ ସ୍ୱାର୍ଡ ତ୍ରିଲୋଚନ ଦାସ, ଦେବେନ୍ଦ୍ର ସେଠୀ, ଅଜୟ କୁମାର ମଲ୍ଲିକ, ନାରାୟଣ ସାହୁ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

# ଫାଇଭ୍ -ଟି ସଚିବଙ୍କ ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ ଗସ୍ତ

ଗଞ୍ଜାମ, ୦୮/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଫାଇଭ୍ -ଟି ସଚିବ ଭି.କେ. ପାଣ୍ଡିଆନ ଆଜି ସକାଳେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଏବଂ ଶେରଗଡ଼ ବ୍ଲକର ବିଭିନ୍ନ ଅଂଚଳ ଗସ୍ତ କରିଛନ୍ତି । ସକାଳେ ସେ ହିଞ୍ଜିଳି ନିକଟସ୍ଥ ବୁରୁପଡ଼ା ସମଲାଇ ମନ୍ଦିରକୁ ଯାଇ ଦେବୀଙ୍କ ଦର୍ଶନ କରିବା ସହ ମନ୍ଦିରର ଉନ୍ନୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏବଂ ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରି ୬ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପ୍ତ ହେବ ବୋଲି କହିଛନ୍ତି । ଏହାପରେ ସେ ଶେରଗଡ଼ ବ୍ଲକର ପିତଳ ଉତରେଶ୍ୱର ଓ ଜଗନ୍ନାଥ ମନ୍ଦିରକୁ ଯାଇ ଦେବଦର୍ଶନ କରିବା ସହ ଏହି ଦୁଇଟି ମନ୍ଦିରକୁ ମଧ ନବିକରଣ ପାଇଁ ସମସ୍ତ ସହାୟତା କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ଏହାପରେ ପିତଳ ନିକଟସ୍ଥ କରଞ୍ଜେଇ ଦେବୀପୀଠକୁ ଯାଇ ପାହାଡ଼ ଉପରେ ମାଙ୍କ ଦର୍ଶନ କରିବା ସହ ଏହି ଦେବୀ ପୀଠର ଉନ୍ନୟନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ଏହାପରେ ପିତଳ କଲେଜକୁ ଯାଇ ଛାତ୍ରଛାତ୍ରୀ ମାନଙ୍କ ସହିତ ଭାବ ବିନିମୟ କରି କଲେଜର ସମସ୍ତ ଉନ୍ନୟନ କାର୍ଯ୍ୟ କରାଯିବ ବୋଲି ଆଲୋଚନା କରିବା ସହ କଲେଜ ପରିଚାଳନା କମିଟିକୁ ପ୍ରତିଶୃତି ଦେଇଛନ୍ତି । ଏହାପରେ ଶେରଗଡ଼ ବ୍ଲକର କରଡ଼ାକଣା ପୁରାତନ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ମନ୍ଦିରର ନୂତନ ରୂପାନ୍ତରିତ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି । ଏହାପରେ ଫାଇଭ୍ -ଟି ସଚିବ ଶ୍ରୀ ପାଣ୍ଡିଆନ ଶେରଗଡ଼ ଗସ୍ତ କରି ଉଦୟପ୍ରତାପ ଯୁକ୍ତ ୨ ବିଜ୍ଞାନ କଲେଜ ଏବଂ ଡ଼ିଗ୍ରୀ କଲେଜ ପରିଦର୍ଶନ କରି କଲେଜର ଆବଶ୍ୟକତା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ଶେରଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହ ମନ୍ଦିରର ପୁନଃଉଦ୍ଧାର କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହାପରେ ସେ ନିର୍ମାଣାଧିନ ଶେରଗଡ଼ ବସଷ୍ଟାଣ୍ଡ ବୁଲି ଦେଖିଥିଲେ । ଏବଂ ଷ୍ଟାଡ଼ିୟମ୍ ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ମଧ୍ୟାହ୍ନଭୋଜନ ପରେ ସେ ହିଞ୍ଜିଳିକାଟୁ ବ୍ଲକର କେତେକ ପଂଚାୟତ ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଛି । ଏହି ପରିଦର୍ଶନ ସମୟରେ ସେ ବିଭିନ୍ନ ପଂଚାୟତର ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଲୋକ ପ୍ରତିନିଧି, ମିଶନ ଶକ୍ତି ସଭ୍ୟା ମାନଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଗତକାଲି ରାତିରେ ସେ ହିଞ୍ଜିଳିକାଟୁ ଲକ୍ଷ୍ମୀନୃସିଂହ ଯାତ୍ରା ବୁଲି ଦେଖିଥିଲେ ଓ ଠାକୁର ଦର୍ଶନ କରିଥିଲେ ।

# ଆମ ଗାଁ ସାହିତ୍ୟ ପରିଷଦର ବୈଠକ

କେନ୍ଦ୍ରାପଡ଼ା, ୦୮/୦୫ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠ ଉତ୍ସବ ପୁରୁଷୋତ୍ତମପୁର ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସମାଜସେବୀ ସ୍ୱର୍ଗତ ସୁନାକରଙ୍କ ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା । ସଭାପତି ସଂଜୟ କୁମାର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ଡ଼ଃ ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି, ବାୟାବାବା ମହାବିଦ୍ୟାଳୟ ର ଅଧକ୍ଷ ଡ଼ଃ ସୁଧାଂଶୁ ଶେଖର ଷଡଙ୍ଗୀ ମୁଖ୍ୟ ବକ୍ତା, ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦ ସଂପାଦକ ଡ଼ଃ ଶ୍ରୀଧର ସାମଲ, ଅମର ପ୍ରସାଦ ରାଉତ, ତିଥିକାନ୍ତ ନାୟକ, ମନୋଜ କୁମାର ବାରିକ, ନାରାୟଣ ଚନ୍ଦ୍ର ପତି, ନୃସିଂହ ତ୍ରିପାଠୀ, ରାଜେଶ କୁମାର ଜେନା, ଆଦିକନ୍ଦ ରାଉଳ ପ୍ରେମାନନ୍ଦ ଜେନା, ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇ ସାହିତ୍ୟ ହେଉଛି ସମାଜର ଜାଗ୍ରତ ପ୍ରହରୀ, କବି ଓ ଲେଖକ ମାନେ ସମସ୍ୟା ଓ ସଂସ୍କାରଧର୍ମୀ ଲେଖା ଲେଖିବାକୁ ପରାମର୍ଶ ଦେଇଥିଲେ । ସ୍ୱପ୍ନାଂଶୁ କୁମାର ଦାସ ମାସିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ କବୟିତ୍ରୀ ସ୍ୱର୍ଣ୍ଣମୟୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ଏହି ବୈଠକରେ ବହୁ ବିଶିଷ୍ଟ କବି ଉପସ୍ଥିତ ଥିଲେ ।

# 'ଅଣସୂପକାର ବଢ଼ାଉଛନ୍ତି ଅବଢ଼ା ଦର' : ୫ବର୍ଷ ବିତିଲା, ଦର ତାଲିକା ଲାଗିଲାନି

ପୁରୀ , ୦୮/୦୫ (ନି.ପ୍ର): ଅସହ୍ୟ ହେଉଛି ଅବଢ଼ା ଦର। କୁଡୁଆ ମାପ ଅନୁଯାୟୀ ଦରରେ ରହୁନି ତାଳମେଳ। ପର୍ବ ପର୍ବାଣୀ ଆସିଲେ ଅବଢ଼ା କିଣିବା ବେଳକୁ ଦର ଶୁଣି ମୁଣ୍ଡ ଘୂରାଇ ଦେଉଛି। ଅବଢ଼ା ଖାଇବା ପରେ କିମ୍ବା ଅବଢ଼ା କିଣି ଆନନ୍ଦ ବଜାରରୁ ଫେରିବା ବେଳେ ଅନେକ ଭକ୍ତ ଏଭଳି କ୍ଷୋଭଭରା ଅନୁଭୂତି ନେଇ ଫେରୁଛନ୍ତି। କେବଳ ସେତିକି ନୁହେଁ, ଯଦି କେହି ଉତ୍ତର ଦ୍ୱାର ନିକଟରେ ଛିଡ଼ା ହୋଇ ଅବଢ଼ା ପାଇଁ ବରାଦ ଦେଉଛି ତେବେ ଆନନ୍ଦବଜାରରୁ ଉତ୍ତର ଦ୍ୱାର ନିକଟକୁ ଅବଢ଼ା ଆସିବା ବେଳକୁ ଦର ୨ ଗୁଣା ହୋଇଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆନନ୍ଦବଜାରରେ ୨୦୧୮ ମସିହାରୁ ଦର ତାଲିକା ଲାଗିବା ନେଇ ପରୀକ୍ଷାମୂଳକ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଲା ନାହିଁ। ଫଳରେ ଯିଏ ଭଲ ପରସତିଆଙ୍କ ହାବୁଡ଼ରେ ପଡ଼ିଲା ସେ ଉଚିତ ମୂଲ୍ୟରେ ଅବଢ଼ା କିଣି ସେବନ କରୁଛନ୍ତି, କିନ୍ତୁ ଯିଏ ମଧ୍ୟସ୍ଥିଙ୍କ ଜାଲରେ ଫସିଲା ସେ ଚଢ଼ା ଦର ଦେଇ ଶୋଷଣର ଶିକାର ହେଉଛନ୍ତି। ବିଡ଼ମ୍ବନା ହେଲା ସୁଆର ମହାସୁଆର ନିଯୋଗ ଅବଢ଼ା ଦର ତାଲିକା ପ୍ରସ୍ତୁତ ଓ ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଛନ୍ତି। କିନ୍ତୁ ଏହାକୁ ପ୍ରଶାସନ ଗୁରୁତ୍ୱର ସହ ନେଇନାହିଁ। ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆରଙ୍କ କହିବା ମୁତାବକ, ପ୍ରତ୍ୟେକ ଦିନ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରୁ ୪୦ ପ୍ରତିଶତ ଭକ୍ତ ମହାପ୍ରସାଦ ସେବନ କରିବାକୁ ଓ କିଣି ନେବାକୁ ଆନନ୍ଦବଜାରକୁ ଆସନ୍ତି। ମାତ୍ର ଅଧିକାଂଶ ଭକ୍ତ ସିଧାସଳଖ ଅବଢ଼ା କିଣିବା ପୂର୍ବରୁ ମଧ୍ୟସ୍ଥିଙ୍କ ହାବୁଡ଼ରେ ପଡ଼ିଯାଆନ୍ତି। ଶ୍ରୀ ମହାସୁଆରଙ୍କ ଭାଷାରେ ଏହି ମଧ୍ୟସ୍ଥିମାନେ ହେଉଛନ୍ତି, ଦଲାଲ ତଥା ଅଣସୂପକାର। ଅବଢ଼ା କିଣିବାକୁ ଆସୁଥିବା ଭକ୍ତ ଓ ଅବଢ଼ା ବିକ୍ରି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଣସୂପକାର ଭାଗ ବସୁଥିବାରୁ ଭକ୍ତମାନେ ଅବଢ଼ା ଉଚିତ ଦରରେ କିଣିପାରୁନାହାନ୍ତି ବୋଲି କହିଛନ୍ତି। ଆନନ୍ଦବଜାରରେ ମୋଟ୍ ୭୦ଟି ସ୍ଥାନରେ ଅବଢ଼ା ବିକ୍ରି ପାଇଁ ସ୍ଥାନ ଦିଆଯାଇଛି। କିନ୍ତୁ ସେଥିମଧ୍ୟରୁ ଦୈନିକ ୪୦ରୁ ୫୦ଟି ଖୋଲୁଛି। ମାତ୍ର ଏହା ମଧ୍ୟରେ ମଧ୍ୟସ୍ଥିଙ୍କ ସଂଖ୍ୟା ପାଖାପାଖି ୩ଶହ। ଏହି ମଧ୍ୟସ୍ଥିମାନେ ଆନନ୍ଦ ବଜାର ଭିତରେ ଓ ଉତ୍ତରଦ୍ୱାର ନିକଟରେ ଭକ୍ତମାନଙ୍କ ସହ ମୂଲଚାଲ କରିଥାଆନ୍ତି। ଏହାର ସମାଧାନ ପାଇଁ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଚିଠି କରାଯାଇଥିଲା। ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ଲାଗି ୧୨ ଜଣ ସୂପକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଯୁକ୍ତି ଦେବା ପାଇଁ ନିବେଦନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ନିଯୋଗଠାରୁ ୧୨ ଜଣଙ୍କ ତାଲିକା ଓ ସେମାନଙ୍କ ପରିଚୟପତ୍ର ମଗାଯାଇଥିଲା। ନିଯୋଗ ୧୨ ଜଣଙ୍କ ନାମ ତାଲିକା ପ୍ରଦାନ କରିଛି। ମାତ୍ର ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଲା ନାହିଁ। ଶ୍ରୀମନ୍ଦିରରେ କରୋନା ପରଠାରୁ କେବଳ ପୂର୍ବ ଦ୍ୱାର ତଥା ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରହିଥିବାରୁ ନିୟମିତ ବ୍ୟବଧାନରେ ଅବଢ଼ା ଖାଉଥିବା ପୁରୀର ବାସିନ୍ଦାମାନେ ସିଂହଦ୍ୱାରବାଟେ ଯାଇ ଅବଢ଼ା କିଣିବା ସମ୍ଭବ ହେଉନାହିଁ। ତେଣୁ ସେମାନେ ଉତ୍ତର ଦ୍ୱାର ନିକଟରେ ବାଧ ହୋଇ ମଧ୍ୟସ୍ଥିମାନଙ୍କ ସହଯୋଗ ନେଉଛନ୍ତି। ଫଳରେ ଚଢ଼ା ଦର ଦେଇ ଅବଢ଼ା କିଣିବାକୁ ପଡୁଛି। ନାରାୟଣ ମହାସୁଆର କହିଛନ୍ତି, ଏ ସମସ୍ୟାର ସମାଧାନ ପାଇଁ ଉତ୍ତର ଦ୍ୱାର ନିକଟରେ ସୁଆର ମହାସୁଆର ନିଯୋଗର ଏକ କ୍ୟାମ୍ପ କରିବାକୁ ପ୍ରସ୍ତାବ ଦେଇଥିଲୁ। ସେଠାରେ ନିଯୋଗର କିଛି କର୍ମକର୍ତ୍ତା ରହି ଭକ୍ତମାନଙ୍କ ସହ ସିଧାସଳଖ ଅବଢ଼ା କିଣିବା ନେଇ ଯୋଗାଯୋଗ କଲେ ଆଉ ଠକାମିର ଶିକାର ହେବେ ନାହିଁ ବୋଲି ମଧ କହିଥିଲୁ। କିନ୍ତୁ ଏ ସମ୍ପର୍କରେ ମଧ ପ୍ରଶାସନ କୌଣସି ନିଷ୍ପତ୍ତି ନେଲା ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୨୦୧୮ ମସିହା ନଭେମ୍ବର ମାସରେ ଶ୍ରୀମନ୍ଦିରରେ ଅବଢ଼ା ଦର ଲାଗିବା ନେଇ ଖସଡ଼ା ପ୍ରସ୍ତୁତ ହୋଇଥିଲା। ପରୀକ୍ଷାମୂଳକ ଭାବେ ପ୍ରଥମେ ନୃସିଂହ ମନ୍ଦିର ଓ ପରେ କୋଠଭୋଗରେ ଅବଢ଼ା ରୋଷେଇ କରି ଦର ଧାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହେଲା। କିନ୍ତୁ ବାରମ୍ବାର ବିବାଦର ସୂତ୍ରପାତ ହେଲା। କୋଠଭୋଗ ସୁଆରଙ୍କ ଅସହଯୋଗ ଯୋଗୁ ଏହା ଅଟକିଥିଲା।

# ବିଶିଷ୍ଟ ସଙ୍ଗୀତଜ୍ଞ ଭୁବନେଶ୍ୱର ମିଶ୍ରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ବିଶିଷ୍ଟ ସଙ୍ଗୀତଜ୍ଞ ଭୁବନେଶ୍ୱର ମିଶ୍ରଙ୍କ ୩୦ତମ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଗୁରୁ କେଲୁଚରଣ ଓଡିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଅଧାପକ ଡ଼ଃ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ଗୁରୁଚରଣ ସାହୁ, ସୁଶାନ୍ତ ସାହୁ, ଗିରିଜା ଶଙ୍କର ମହାପାତ୍ର, ସତ୍ୟବ୍ରତ ଜେନା, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଓଡିଶୀ ଗବେଷଣା କେନ୍ଦ୍ରର ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଭୁବନେଶ୍ୱର ମିଶ୍ର, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ, ସିଂହାରି ଶ୍ୟାମ ସୁନ୍ଦର କର, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଭଳି ସଙ୍ଗୀତ ପ୍ରତିଭାମାନେ ଆକାଶବାଣୀ ମାଧ୍ୟମରେ ସଙ୍ଗୀତ ପରିବେଷଣ କରିବା ସଙ୍ଗେ ସଙ୍ଗେ ନିଜ ତ୍ୟାଗ ଓ ସମର୍ପିତ ସାଧନା ଦ୍ୱାରା ବହୁତ ଉଚ୍ଚକୋଟୀର ସଙ୍ଗୀତ ପ୍ରତିଭା ସୃଷ୍ଟି କରିଛନ୍ତି ବୋଲି କହିଥିଲେ । ଭୁବନେଶ୍ୱର ମିଶ୍ର ଓ ହରିପ୍ରସାଦ ଚୌରାସିଆ ଭୁବନହରି ନାମରେ ଚଳଚିତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ ଯେଉଁଥି ପାଇଁ ସେମାନେ ଚିରସ୍ମରଣୀୟ । ନିର୍ଦ୍ଦେଶକ ଶ୍ରୀ ରାଉତରାଏ ନିଜ ବକ୍ତବ୍ୟରେ ସ୍ୱର୍ଗତ ଭୁବନେଶ୍ୱର ମିଶ୍ର ଓଡ଼ିଶାର ସଙ୍ଗୀତ ଜଗତର ଏକ ଉଜ୍ଜ୍ୱଳ ନକ୍ଷତ୍ର ବୋଲି ମତ ଦେଇ ତାଙ୍କ ଉଦ୍ୟମରେ ଓଡ଼ିଶାର ସଙ୍ଗୀତ କ୍ଷେତ୍ରରେ ବହୁ ଉନ୍ନତି ସାଧନ ହୋଇଥିଲା ବୋଲି କହିଥିଲେ । ଆଗାମୀ ଦିନରେ ରାଜ୍ୟରେ ସଙ୍ଗୀତ, ନୃତ୍ୟ କ୍ଷେତ୍ରରେ ବିକାଶ ସାଧନ ସହ ନୂତନ ପ୍ରତିଭାମାନଙ୍କ ବିକାଶ ପାଇଁ ପଦକ୍ଷେପ ନିଆଯିବ । ଗ୍ରାମାଞ୍ଚଳରେ ଥିବା ସଙ୍ଗୀତ ପ୍ରତିଭାମାନଙ୍କୁ ସଙ୍ଗୀତ କ୍ଷେତ୍ରରେ ପ୍ରତିଷ୍ଠିତ କରାଇବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସହିତ ରାଜ୍ୟରେ ଥିବା ସଙ୍ଗୀତ ନୃତ୍ୟ ଅନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଭିତ୍ତିଭୂମି ଉନ୍ନୟନ କରାଯିବ । ଖୁବ ଶୀଘ୍ର ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ଏ ସମ୍ପର୍କରେ ପଦକ୍ଷେପ ନିଆଯିବ । ଆମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାର୍ଥକ କରିବା ନିମନ୍ତେ ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୦୯ ମଇ ୨୦୨୩

# ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି, କମିବ ମୋଟାପଣ...

*ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା...*

**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:**
ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।



**ମୋଟାପଣ କମ କରିଥାଏ:**
ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

**ଗ୍ୟାସ ସମସ୍ୟାରୁ ମୁକ୍ତି :**
ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:**
ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

**ରକ୍ତ ସଞ୍ଚାଳନ ଉତ୍ତମ ରଖେ:**
ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।



➩ ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

➩ ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

➩ ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

➩ ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

➩ ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

➩ ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ।

➩ ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ୍ୟ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।

# କେଶରେ ଚିନିର ପ୍ରୟୋଗ



ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ। ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ ।

# ରୂପା ମୁଦି ପିନ୍ଧିଲେ ବଦଳିପାରେ ଭାଗ୍ୟ

*ମୁଦି ପିନ୍ଧିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ସୁନା, ରୁପା, ହୀରା ଓ ଅନ୍ୟ ଧାତୁନିର୍ମିତ ମୁଦି ସହ ଆଜିକାଲି ବହୁ ଷ୍ଟାଇଲିସ୍ ମୁଦି ମଧ୍ୟ ବଜାରରେ ମିଳୁଛି। ତେବେ ମୁଦି ପିନ୍ଧିବାବେଳେ କିଛି ଦିଗ ଉପରେ ନଜର ଦେଲେ, ଆପଣଙ୍କ ଭାଗ୍ୟ ବଦଳିଯିବାର ସମ୍ଭାବନା ମଧ୍ୟ ରହିଛି। ସବୁପ୍ରକାର ମୁଦିରୁ ଆପଣଙ୍କୁ ଶୁଭଫଳ ପ୍ରାପ୍ତି ହେବ ନାହିଁ। ଶାସ୍ତ୍ର ଅନୁସାରେ, ରୁପା ମୁଦି ପିନ୍ଧିବା ଦ୍ୱାରା ଆପଣଙ୍କୁ ସଫଳତା ମିଳିପାରିବ। ଆସନ୍ତୁ ଜାଣିବା, ରୁପା ମୁଦି ପିନ୍ଧିବା ଓ ରୁପା ପାତ୍ର ବ୍ୟବହାର ଦ୍ୱାରା କିପରି ଭାଗ୍ୟ ବଦଳିଯାଏ।*

♦ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରୁପା'ର ସମ୍ପର୍କ ବୃହସ୍ପତି ଏବଂ ଚନ୍ଦ୍ରଙ୍କ ସହ ରହିଛି ।

♦ଶାସ୍ତ୍ର ଅନୁସାରେ, ରୁପା ଧନବୃଦ୍ଧି ସହ ଭାଗ୍ୟ ପରିବର୍ତ୍ତନରେ ମଧ୍ୟ ସହାୟକ ହୋଇଥାଏ।

♦କୁହାଯାଏ, ରୁପା ମୁଦି ପିନ୍ଧିଲେ,ଏହା ଆପଣଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରିଦିଏ। ଏହାଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦୂର ହୋଇଥାଏ।



# ଟିପ୍ସ: ମୁଡ୍ ବନାଇବା ପାଇଁ

ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।

♦ ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।



♦ ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।

♦ ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ୍ୟ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।








♦ ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧ୍ୟମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।

♦ ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ବ ହେଲେ ମଧ୍ୟ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।

# ଶୟନ କକ୍ଷରେ ଶାନ୍ତି ନିମନ୍ତେ ଆପଣାନ୍ତୁ ଉପାୟ

ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ୍ୟ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବ ନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ୍ୟ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ ଶୟନ କକ୍ଷ ନୈଋତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା



ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃତ୍ତାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମଣିପୁର ଓ ମୁଖ୍ୟସ୍ରୋତ...

ମଣିପୁର ଜଳୁଛି- ଏହାର ରାଜଧାନୀ ଇମ୍ଫାଲ ସମେତ ଏହି ରାଜ୍ୟର ଏକ ବିଶାଳ ଆବାସିକ ଖଣ୍ଡ ବସ୍ତୁତଃ ହିଂସାର ନିଆଁରେ ହୁତୁ ହୁତୁ ହୋଇ ଜଳୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଲୋକମାନଙ୍କ ଘର ଏବଂ ଧାର୍ମିକ ଅନୁଷ୍ଠାନଗୁଡ଼ିକର କୋଠାବାଡ଼ିରୁ ନିଆଁ ପାଖାପାଖି ଅଂଚଳଗୁଡ଼ିକୁ ଡେଇଁ ସବୁକିଛିକୁ ଧ୍ୱଂସ କରିଦେବାର ଦୃଶ୍ୟ ଯେ କୌଣସି ସାହସୀ ଲୋକର ହୃଦୟକୁ ମଧ୍ୟ ବିଗଳିତ କରାଇ ଦେବା ଭଳି। ଏଇ ଗଣ୍ଡଗୋଳ ଓ ହିଂସା ଯୋଗୁଁ ହଜାର ହଜାର ସଂଖ୍ୟକ ଲୋକ ବାସହୀନ ହୋଇ ପଡ଼ିଛନ୍ତି ଏବଂ ସେନାବାହିନୀ ଦ୍ୱାରା ସେମାନଙ୍କୁ କମ୍ ବିପଦ ଥିବା ଅଂଚଳଗୁଡ଼ିକୁ ସ୍ଥାନାନ୍ତରିତ କରାଯିବା ଏକ ବାଧ୍ୟତାମୂଳକ କାମ ହୋଇଯାଇଛି। ପୁଣିଥରେ ସେଇ ଲୋକମାନେ କେବେ ସେମାନଙ୍କ ନିଜ ନିଜ ଘରକୁ ନିରାପଦରେ ଫେରି ଆସିବେ, ତାହା ଏବେ କହିବା କଠିନ। ଜାତିଗତ ହିଂସା ଯୋଗୁଁ ହଠାତ୍ ଏଇ ପାହାଡ଼ ପର୍ବତଘେରା ରାଜ୍ୟଟି ସେନା ଛାଉଣୀରେ ପରିଣତ ହୋଇଯାଇଛି। ସ୍ଥଳସେନା, ଆସାମ ରାଇଫଲ, ସିଆରପିଏଫ୍ ଏବଂ ବିଏସ୍ଏଫର ଯବାନମାନଙ୍କୁ ରାତାରାତି ନିକଟବର୍ତ୍ତୀ ଏବଂ ଦୂରଦୂରାନ୍ତରୁ ରାଜ୍ୟମାନଙ୍କରୁ ଏଠାକୁ ଅଣାଯାଇ ପରିସ୍ଥିତିକୁ ସମ୍ଭାଳିବାକୁ ମୁତୟନ କରାଯାଇଛି, ଯେଉଁମାନଙ୍କ ସଂଖ୍ୟା ଶହରେ ନୁହେଁ, ହଜାରରେ ଗଣତି କରାଯାଇପାରେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସହିତ ବିଚାର ବିମର୍ଶ କରାଯିବା ପରେ ରାଜ୍ୟରେ ଦେଖିଲା ମାତ୍ରେ ଗୁଳି କରିବାର ଆଦେଶ ଲାଗୁ ହୋଇଛି। ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ଏକ ବିଜେପି-ନେତୃତ୍ୱାଧୀନ ସରକାରର ମୁଖ୍ୟ ଏବଂ ତାଙ୍କ ଦଳ ସମ୍ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତାର ସହିତ ନିଜ ବଳରେ ରାଜ୍ୟକୁ ଶାସନ କରୁଛି। ସିଆରପିଏଫରେ ଜଣେ ଅବସରପ୍ରାପ୍ତ ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପରାମର୍ଶଦାତା ଭାବରେ ନିଯୁକ୍ତ କରାଯାଇଛି, ଏହା ଅଧିକତଃ କେନ୍ଦ୍ର ସରକାରଙ୍କ ପରାମର୍ଶରେ ହୋଇଛି ବୋଲି କୁହାଯାଇପାରେ। କହିବା ବାହୁଲ୍ୟ, ଏସବୁ ଦର୍ଶାଉଛି ଯେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ହିଂସାକାଣ୍ଡ ସୃଷ୍ଟିକାରୀମାନଙ୍କୁ ଆୟତ୍ତ କରି ରାଜ୍ୟରେ ଖୁବଶୀଘ୍ର ପୂର୍ବବତ୍ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ହୋଇପାରିବ ବୋଲି ଆଶାବାଦୀ ନାହାନ୍ତି। ରାଜ୍ୟର ସାମ୍ପ୍ରତିକ ବାତାବରଣକୁ ଦେଖିଲେ ଯେ କେହି ସହଜରେ କହିପାରିବେ ଯେ ହୃଦୟକୁ ଥରାଇ ଦେବାଭଳି କେନ୍ଦ୍ର ସରକାରଙ୍କ ନାରା 'ଡବଲ ଇଂଜିନ୍ ସରକାର' ରାଜ୍ୟରେ ପ୍ରଗତି ଆଣି ପାରିବ କଥା ଏବେ କଳ୍ପନା କରିବା ମଧ୍ୟ ଦୁରୂହ। ଏକଥା ସ୍ପଷ୍ଟ ଭାବରେ ମନେହୁଏ ଯେ ପାଉଁଶ ତଳର ନିଆଁ ଭଳି ଦୀର୍ଘକାଳ ଧରି ରାଜ୍ୟରେ ରହି ଆସିଥିବା ଏକ ବିବାଦକୁ ରାଜନୀତିକ ଢ଼ଙ୍ଗରେ ସମାଧାନ କରିବାକୁ ଉଦ୍ୟମର ଅନୁପସ୍ଥିତି ସାମ୍ପ୍ରତିକ ସମୟର ଏକ ବାରୁଦ ଗଦାରେ ନିଆଁ ଲାଗିବା ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରି ଆଣିଛି। ମୁଖ୍ୟ ସମସ୍ୟାଟି ଚାରିପଟୁ ପାହାଡ଼ ଘେରା ସମତଳ ଅଂଚଳରେ ବାସ କରୁଥିବା ସଂଖ୍ୟାଗରିଷ୍ଠ ମେଇତେଇ ଲୋକମାନଙ୍କ ଦ୍ୱାରା କୋଟା ବା ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ଦାବି ଉପରେ ଆଶ୍ରୟ କରିଥିବା ଜଣାପଡୁଛି। ମେଇତେଇମାନଙ୍କୁ ଛାଡ଼ିଦେଲେ ରାଜ୍ୟର ଅବଶିଷ୍ଟ ଜନସଂଖ୍ୟା ହେଉଛନ୍ତି ପାହାଡ଼ ପର୍ବତ ଅଂଚଳରେ ବାସ କରୁଥିବା ଜନଜାତିର-ମୁଖ୍ୟତଃ କୁକି ଏବଂ ନାଗାମାନେ। ମେଇତେଇମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁ ହୋଇଥିବାବେଳେ ଅଳ୍ପ କିଛି ସଂଖ୍ୟକ ହେଉଛନ୍ତି ମୁସଲମାନ ସମ୍ପ୍ରଦାୟର। ସାଧାରଣତଃ ଖ୍ରୀଷ୍ଟିଆନ୍ ଏବଂ ଜୀବବାଦୀ ପାହାଡ଼ିଆ ଜନଜାତିମାନେ ଏମାନଙ୍କୁ 'ଉନ୍ନତ ବର୍ଗ'ର ଲୋକ ବୋଲି କହିଥାନ୍ତି। ୬୦ ସଦସ୍ୟବିଶିଷ୍ଟ ରାଜ୍ୟବିଧାନସଭାରେ ମଧ୍ୟ ସେମାନଙ୍କ ପ୍ରତିନିଧିତ୍ୱ ଅଧାରୁ ଅଧିକ। ମେଇତେଇମାନେ ଦାବି କରନ୍ତି ଯେ ସେମାନେ ଏକ ସ୍ୱତନ୍ତ୍ର ଜନଜାତି ଏବଂ ସେମାନଙ୍କ ରାଜ୍ୟ ଯାହାର ଅଂଚଳ ବର୍ତ୍ତମାନ ମିଆଁମାରରେ ଥିବା କେତେକ ଅଂଚଳଠାରୁ ସାମ୍ପ୍ରତିକ ସମୟରେ ବାଂଲାଦେଶର କିଛି ଅଂଚଳ ପର୍ଯ୍ୟନ୍ତ ବ୍ୟାପି ରହିଥିଲା, ତାକୁ ୧୯୪୯ରେ ସେମାନଙ୍କୁ ଏକ ଜନଜାତି ସତ୍ତା ଭାବରେ ଭାରତ ସହିତ ମିଶାଇ ଦିଆଗଲା ଏବଂ ଠିକ ତା'ର ପର ବର୍ଷ ହିଁ ସେମାନଙ୍କ ସତ୍ତା ହଜିଯିବା ଭଳି ମନେହେଲା। ସେମାନେ ବର୍ତ୍ତମାନ ସେମାନଙ୍କର ସେଇ ପୂର୍ବ ସ୍ଥିତିକୁ ଫେରି ପାଇବାକୁ ଦାବି କରୁଛନ୍ତି ଏବଂ ନ୍ୟାୟାଳୟରେ ଦଶ ବର୍ଷ ହେଲାଣି ଏ ବାବଦରେ ନିବେଦନ କରି ଆସୁଛନ୍ତି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ୨୦୧୭ଠାରୁ ତାଙ୍କ ପଦରେ ରହି ଆସିଲେଣି ଏବଂ ସେ ମଧ୍ୟ ଜଣେ ମେଇତେଇ, କିନ୍ତୁ ତାଙ୍କ ସରକାର ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରୁ ଦୂରେଇ ରହିଛି। ତେବେ ଚଳିତବର୍ଷ ଏପ୍ରିଲ ମାସରେ ମଣିପୁର ହାଇକୋର୍ଟର ଏକ ଜଣିକିଆ ଖଣ୍ଡପୀଠର ବିଚାରପତି ତାଙ୍କ ସମ୍ମୁଖରେ ଥିବା ଦାବିର ଯଥାର୍ଥତାକୁ ଅନୁଭବ କଲେ ଏବଂ ୧୦ ବର୍ଷ ଧରି ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ରାଜ୍ୟ ସରକାରଙ୍କୁ ଏଥିପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ସୁପାରିସ କରିବାକୁ ଆଦେଶ ଦେଲେ 'ମାତ୍ର ଚାରି ସପ୍ତାହର ସମୟ ଭିତରେ' ଯେ ମେଇତେଇମାନଙ୍କୁ ଜନଜାତି ଭାବରେ ବିଜ୍ଞପ୍ତି କରାଯାଉ। ଚିନ୍ତା କରିବାର କଥା ହେଉଛି, ମେଇତେଇମାନଙ୍କୁ ଏବେ ଯେହେତୁ ସାଧାରଣରେ ଅନ୍ୟାନ୍ୟ ପଛୁଆ ବର୍ଗ ବା ତଫସିଲଭୁକ୍ତଜାତି ଭାବରେ ଗଣନା କରାଯାଉଛି, ତେଣୁ ସେମାନେ ସଂରକ୍ଷଣ ସୁବିଧା ଲାଭ କରୁଛନ୍ତି, ଯାହାକୁ ହାଇକୋର୍ଟ ଉପରୋକ୍ତ ଆଦେଶ ଦେବା ବେଳେ ଅଣଦେଖା କରିଛନ୍ତି।



# ବିଶ୍ୱକବି ଓ ବିଶ୍ୱଗୁରୁ - ଭାରତ ଭାଗ୍ୟ ବିଧାତା

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱସୃଷ୍ଟିର ନିତ୍ୟ ନୂତନ ରୂପୋତ୍ସବ ଆଶୈଶବ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କର ସମ୍ବେଦନଶୀଳ ପ୍ରାଣକୁ ଅଭିନବ ବ୍ୟଞ୍ଜନା ବିଭୂତି ସ୍ପର୍ଶରେ ମହୀୟାନ କରିଥିଲା। ସେହି ମହାନ କବିଙ୍କର ସୌନ୍ଦର୍ଯ୍ୟାନୁଭୂତିକୁ ସୂକ୍ଷ୍ମ ଓ ଶାଣିତ କରି ଏହା ତାଙ୍କର ପ୍ରାଣକୁ ଏକ ଅନୁପମ ଅନ୍ତର୍ଦୃଷ୍ଟିରେ ଅଭିବ୍ୟଞ୍ଜିତ କଲା ଏବଂ ସମାଧିସ୍ଥ କରି ଚିତ୍ତର ଉଚ୍ଛ୍ୱାସ ଓ ସୌନ୍ଦର୍ଯ୍ୟୋପାସନା ସତ୍ୟାନ୍ୱେଷୀ ଉପନିଷଦ୍‌କାରର ସମର୍ପଣାତ୍ମକ ପ୍ରବଣତା ନେଇ କବିତା ମାଧ୍ୟମରେ ଆତ୍ମପ୍ରକାଶ ଲାଭକଲା। ରବୀନ୍ଦ୍ରନାଥଙ୍କ କବିତା ସେଥିପାଇଁ ଏକାଧାରାରେ ସତ୍ୟର ବାହକ, ସୌନ୍ଦର୍ଯ୍ୟର ପରିପ୍ରକାଶକ ଓ ମାନବାତ୍ମାର ଆତ୍ମ ପ୍ରକାଶନର ସହାୟକ। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୮୬୧ ମସିହା ମେ ୭ ତାରିଖରେ ପିତା ଦେବେନ୍ଦ୍ରନାଥଙ୍କର ଚତୁର୍ଦ୍ଦଶ ସନ୍ତାନ ଭାବରେ ବାଙ୍ଗଲାଦେଶର ପାବନା ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ପବିତ୍ର ପଦ୍ମାନଦୀର ଏକ ପାର୍ଶ୍ୱରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମସ୍ଥାନ ଓ ଅପର ପାର୍ଶ୍ୱରେ ବିଶ୍ୱଗୁରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମସ୍ଥାନ ପାବନା ଜିଲ୍ଲାର ହିମାୟିତପୁର ଗ୍ରାମରେ।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କରେ ବିଶ୍ୱଗୁରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସେ ହେଉଛନ୍ତି ସରସ୍ୱତୀଙ୍କ ବରପୁତ୍ର। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବାଇଶ ବର୍ଷ ବୟସରେ ଜନୈକ ଭକ୍ତର କାତର ନିବେଦନକୁ ସ୍ୱୀକାର କରି ଗୋଟିଏ ରାତ୍ରିରେ ସ୍ୱହସ୍ତରେ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣ ଲେଖିଥିଲେ। ସେହି ସମୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ବୟସ ଥିଲା ପଚାଶ ବର୍ଷ ଏବଂ ତାଙ୍କ ସାହିତ୍ୟକୃତି ପାଇଁ ସେ ସାରା ବିଶ୍ୱ ଦରବାରରେ ପ୍ରତିଷ୍ଠା ଲାଭ କରିସାରିଥିଲେ। ଜନୈକ ଭକ୍ତ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ପବିତ୍ର ଗ୍ରନ୍ଥ ସତ୍ୟାନୁସରଣକୁ ନେଇ ବିଶ୍ୱ କବିଙ୍କୁ ଉପହାର ଦେଇଥିଲେ। ବଣିଆ ଯେପରି ସୁନାକୁ ଦେଖିଲାମାତ୍ରେ ଆନନ୍ଦିତ ହୁଏ, ଜୋହରୀ ଯେପରି ହୀରା, ନୀଳା, ମୋତି ଓ ମାଣିକ୍ୟ ଇତ୍ୟାଦି ରତ୍ନକୁ ଦେଖିବା ମାତ୍ରେ ପ୍ରଫୁଲ୍ଲିତ ହୁଏ ସେହିପରି ପ୍ରକୃତ ସାରସ୍ୱତ ସାଧକ ଯଥାର୍ଥ ସାହିତ୍ୟକୁ ଦେଖିଲେ ବିଭୋର ହୋଇଥାନ୍ତି। ସେହିଭଳି ଅବସ୍ଥା ସେ ଦିନ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ହୋଇଥିଲା। ବହିଟି ଦେଖିବାମାତ୍ରେ ଏକ ନିଃଶ୍ୱାସରେ ବହିଟିକୁ ଆମୂଳଚୂଳ ପାଠ କରିଗଲେ। ପ୍ରତି ଅନୁଚ୍ଛେଦ ଶେଷରେ ସେ ସେହି ଭକ୍ତଙ୍କୁ ଏକ ଆଚମ୍ବିତ ଢ଼ଙ୍ଗରେ ବିସ୍ଫାରିତ ନୟନରେ ପ୍ରଶ୍ନ କରିଉଠିଲେ - 'ବୟସ କେତେ? ବୟସ କେତେ?' ଭକ୍ତ ଉତ୍ତର ଦେଇଥିଲେ - 'ବାଇଶି ବର୍ଷ, ବାଇଶି ବର୍ଷ'। ବହିଟି ଶେଷ ହେବା ପରେ ବିଶ୍ୱକବି ଏକ ଦୀର୍ଘଶ୍ୱାସ ପକାଇ କହିଲେ - 'ହେ ମନୁଷ୍ୟ! ମୁଁ ଯେତେ ଥର ମନୁଷ୍ୟକୁ ଜିଜ୍ଞାସା କଲି, ସେ କହିଲେ ବାଇଶି ବର୍ଷ, ବାଇଶି ବର୍ଷ। ଗୋଟିଏ ମନୁଷ୍ୟର ପରମାୟୁ ଯଦି ବାଇଶି ସହସ୍ର ବର୍ଷ ହେବ ସେ କି ଏପରି ଭାଷା ଲେଖିପାରେ? ବଙ୍ଗଳା ତଥା ବିଶ୍ୱ ସାହିତ୍ୟର ଏହା ହେଉଛି ଏକ ଅଭିନବ କୋଣାର୍କ। ତା'ପରେ ତାଙ୍କ ମୁଖରୁ ଉଦ୍‌ଭାସିତ ହୋଇଥିଲା ଏକ ଭକ୍ତି ରସାମୃତ କାବ୍ୟ - 'ହେ ତଥାଗତ! ହେ ବିସ୍ମୟ! ଜାଣେ ନା ମୁଁ ତୁମେ କିଏ? କିନ୍ତୁ ମୁଁ ଧନ୍ୟ, ଯେଉଁ ଧରା ତବ ପଦସ୍ପର୍ଶ କରିଅଛି ସେହି ଧରାରେ ମୁଁ ଜନ୍ମ ଲାଭ କରିଅଛି। ଯେଉଁ ପଦ୍ମାନଦୀ ତବପଦ ଶତବାର ବିଧୌତ କରିଅଛି, ସେହି ପଦ୍ମାନଦୀରେ ମୁଁ ସହସ୍ରବାର ସ୍ନାତ ହୋଇଅଛି, କିନ୍ତୁ ପ୍ରଭୁ! ମୁଁ ତୁମକୁ ସାକ୍ଷାତରେ ଦର୍ଶନ କରିବା ପାଇଁ ସାହସ କରିପାରୁନାହିଁ। କାରଣ ମୁଁ ଏହି ମାନୁଷୀ ଚକ୍ଷୁରେ ଯଦି ଆପଣଙ୍କୁ ସଂଦର୍ଶନ କରେ, ତେବେ ମନୁଷ୍ୟ ସୁଲଭ ଆବିଳତାର ଶିକାର ହୋଇଯିବ ଓ ଆପଣଙ୍କ ପ୍ରତି ମୋର ଯେଉଁ ଶୁଦ୍ଧ ଭାବନା ଜାଗ୍ରତ ହୋଇଅଛି ସେଥିରେ କାଳେ କିଛି ବାଧା ଆସିଯିବ, କାଳେ ହୁଏତ ମୁଁ ଭାବିଦେବି ଆପଣ ମୋ ଠାରୁ ବୟସରେ କମ୍, ରୂପରେ ମଳିନ, ଧନଶକ୍ତିରେ ନ୍ୟୂନ, ଆପଣ ଉପାଧି ରହିତ ଓ ମୁଁ ଉପାଧିପୂର୍ଣ୍ଣ - ଏହି ସବୁ ଭାବର ଆବିଳତାରେ ମୁଁ ଯଦି ଶିକାର ହୋଇଯାଏ, ଆପଣଙ୍କ ପ୍ରତି ଜାଗ୍ରତ ହୋଇଥିବା ଶୁଦ୍ଧ ଭକ୍ତିରେ ବହୁତ କିଛି ଆଞ୍ଚ ଆସିଯିବ। ତେଣୁ ଦୂରରୁ ମୋର ଏହି ସଶ୍ରଦ୍ଧ ବିନତୀ ଜଣାଉଛି, ଆପଣ ସାଦରେ ଗ୍ରହଣ କରନ୍ତୁ।' ଏହାପରେ ସେ ଲେଖିଥିଲେ ତାଙ୍କର ମହାନ କୃତି 'ନୈବେଦ୍ୟ କାବ୍ୟ' ଯାହାକି ପରବର୍ତ୍ତୀ ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଭକ୍ତ ଶ୍ରୀମତୀ ସୀତାଦେବୀ ଖାଡ଼େଙ୍ଗା ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ନୈବେଦ୍ୟ କାବ୍ୟର କେତୋଟି ପଂକ୍ତି ଓ ଜାତୀୟ ସଂଗୀତର ପରବର୍ତ୍ତୀ ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର ବିଶ୍ୱଗୁରୁ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତି ଥିବା ଭକ୍ତିପୂତ ଶ୍ରଦ୍ଧାର ପରିଚୟ ମିଳେ। ନୈବେଦ୍ୟକାବ୍ୟରେ ବିଶ୍ୱକବି ଗାଇଲେ - ସକଳ ଗରବ ଦୂର କରିଦେବି, ତୁମରି ଗରବ ଛାଡ଼ିବିନି, ସକଳ ଜନଙ୍କୁ କହିବି ଯେ ଦିନ, ଲଭିବି ତବ ପଦ ରେଣୁକଣା। ଯେ ମାନ ଯେ କାର୍ଯ୍ୟେ ପାଇଅଛି ମୁହିଁ, ସେଦିନ ସକଳ ଯିବ ଦୂରେ, ଖାଲି ତବ ନାମ ଦେହେ ମନେ ମୋର, ଧ୍ୱନିତ ହୋଇବ ତବ ସୁରେ। ପଥର ପଥିକ ସେ'ବି ଦେଖି ଯିବେ, ତୁମରି ଚିହ୍ନ ଦେହ ମନଭାବେ, ଭବ ସଂସାରର ବାତାୟନ ପଥେ, ଚାହିଁବି ମୁହିଁ ଆନମନା। ଜାତୀୟ ସଙ୍ଗୀତର ପରବର୍ତ୍ତୀ ଦ୍ୱିତୀୟ ଓ ତୃତୀୟ ଅନୁଛେଦକୁ ଅନୁଶୀଳନ କଲେ ପ୍ରତୀୟମାନ ହୁଏ ଯେ, ଏହା ମଧ ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିଲା। ସୁଧି ପାଠକ ଓ ପାଠିକାମାନଙ୍କର ଅନୁଶୀଳନ ପାଇଁ ସେହି ଦୁଇ ଅନୁଛେଦକୁ ଉଦ୍ଧାର କରାଗଲା। ଅହରହ ତବ ଆହ୍ୱାନ ପ୍ରଚାରିତ, ଶୁଣି ତବ ଉଦାର ବାଣୀ, ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ, ମୁସଲମାନ, ଖ୍ରୀଷ୍ଟାନୀ, ପୂରବ ପଶ୍ଚିମ ଆସେ, ତବ ସିଂହାସନ ପାଶେ, ଗାଏ ତବ ଜୟ ଗାଥା, ଜନଗଣ ଐକ୍ୟ ବିଧାୟକ ଜୟହେ, ଭାରତ ଭାଗ୍ୟ ବିଧାତା। ରାତ୍ରି ପ୍ରଭାତ ହେଲା, ଉଦୟ ରବି ଛବି, ପୂର୍ବ ଉଦୟ ଗିରି ଭାଲେ, ଗାଏ ବିହଙ୍ଗମ ପୁଣ୍ୟ ସମୀରଣ, ନୂତନ କଳରବ ତାନେ, ହେ ଚିର ସାରଥି, ତବ ରଥ ଚକ୍ରେ ମୁଖରିତ ପଥ ଦିବାରାତ୍ରି, ଦାରୁଣ ବିପ୍ଳବ ମାଝେ, ତବ ଶଙ୍ଖ ଧ୍ୱନି ବାଜେ, ସଙ୍କଟ ଭୟ ଦୁଃଖ ତ୍ରାତା, ଜୟ ହେ ଜୟ ହେ, ଜୟ ରାଜେଶ୍ୱର, ଭାରତ ଭାଗ୍ୟ ବିଧାତା। ସୁଧି ପାଠକ ବୃନ୍ଦ ଉପରୋକ୍ତ ପଦ୍ୟାବଳୀରୁ ବିଚାର କରିବେ କାହାର ପାଦ ପଦ୍ମା ନଦୀରେ ଶତବାର ବିଧୌତ ହେଉଥିଲା, ଯେଉଁ ପଦ୍ମା ନଦୀରେ କି ବିଶ୍ୱକବି ରବୀନ୍ଦ୍ରନାଥ ସହସ୍ରବାର ସ୍ନାତ ହେଉଥିଲେ। ବାଂଲା ଦେଶର ଉଦୟଗିରି କେଉଁଠି? ରାଜରାଜେଶ୍ୱର କିଏ? କାହା ନିକଟରେ ସମସ୍ତ ବିଶ୍ୱର ହିନ୍ଦୁ, ବୌଦ୍ଧ, ଶିଖ୍, ଜୈନ, ପାରସିକ, ମୁସଲମାନ ଓ ଖ୍ରୀଷ୍ଟିୟାନ, ପୂର୍ବ ଓ ପଶ୍ଚିମର ଜନତା ଉପସ୍ଥିତ ହେଉଥିଲେ? କାହାର ଜୟ ଜୟକାର ବିଶ୍ୱବାସୀଙ୍କ ଦ୍ୱାରା ହେଉଥିଲା? ଏସବୁକୁ ସମ୍ମିଳିତ କଲେ ଦେଖାଯିବ ଯେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ବିଶ୍ୱଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ହିଁ ଏହି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ।

+ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ, ,ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭



# ଜଳ ସୁରକ୍ଷା ପ୍ରତି ଧ୍ୟାନ ଦିଅ

**ସୌଭାଗ୍ୟ ରଂଜନ ମହାନ୍ତି**


ଜଳବାୟୁ ପରିବର୍ତ୍ତନ, ଆର୍ନ୍ତଜାତିକ ଉଷ୍ମତା ବୃଦ୍ଧି, ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଆସନ୍ତା ୨୦୫୦ ମସିହା ବେଳକୁ ଭାରତ ସମେତ ବିଶ୍ୱର ଅର୍ଦ୍ଧାଧିକ ରାଷ୍ଟ୍ରରେ ଉତ୍କଟ ଜଳ ସଂକଟ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇଥିବାବେଳେ ଆମ ରାଜ୍ୟରେ ନିକଟ ଭବିଷ୍ୟତରେ ଜଳ ସଂକଟ ହେବନାହିଁ ଦେଖା ଦେବ ନାହିଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଦେଶର ପ୍ରଥମ ଜଳାଶୟ ଗଣନା ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଉତ୍ସାହଜନକ। ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶର ଜଳାଶୟ ତାଲିକାରେ ଓଡିଶା ଚତୁର୍ଥ ସ୍ଥାନରେ ରହିଛି। ଦେଶରେ ଥିବା ମୋଟ ଜଳାଶୟ ମଧ୍ୟରୁ ଓଡ଼ିଶାରେ ୭୮,୫୦୬ଟି ପୋଖରୀ ରହିଛି, ଯାହାକି ଦେଶରେ ଦ୍ୱିତୀୟ। ସେହିପରି ୧୨,୬୧୨ଟି ଗାଡିଆ ରହିଛି, ଯାହା ଦେଶରେ ଚତୁର୍ଥ ସର୍ବାଧିକ। ରାଜ୍ୟରେ ମୋଟ ୧,୮୧,୮୩୭ଟି ପୋଖରୀ, ଗାଡିଆ, ହ୍ରଦ ଓ ଜଳଭଣ୍ଡାର ରହିଛି। ସେଥିମଧ୍ୟରୁ ୭,୧୦୯ଟି ପ୍ରାକୃତିକ ଜଳ ଉତ୍ସ ହୋଇଥିବାବେଳେ ୧,୭୪,୭୨୮ଟି ମଣିଷକୃତ। ଏଥି ମଧ୍ୟରୁ ୯୮ ପ୍ରତିଶତ ଗ୍ରାମାଚଂଳରେ ଥିବାବେଳେ ସହରାଚଂଳରେ ମାତ୍ର ୨ ପ୍ରତିଶତ ଜଳାଶୟ ରହିଛି। ଆହୁରି ମଧ ରାଜ୍ୟରେ ଥିବା ମୋଟ ଜଳାଶୟ ମଧ୍ୟରୁ ୮୯ ପ୍ରତିଶତ ବ୍ୟବହାର ଯୋଗ୍ୟ ବୋଲି କୁହାଯାଇଛି। ଅର୍ଥାତ ୧,୬୨,୨୦୭ଟି ଜଳାଶୟ ବ୍ୟବହାର ଉପଯୋଗୀ ଯାହାକି ଉତ୍ସାହଜନକ। ଏହା ସତ୍ୟ ଯେ, ରାଜ୍ୟର ଗ୍ରାମାଚଂଳରେ ବହୁ ପୋଖରୀ, ଗାଡିଆ ରହିଥିବାବେଳେ ସହରାଚଂଳରେ ଏବେ ପୋଖରୀ, ଗାଡିଆ, ହ୍ରଦ ଉପରେ ଏବେ ବାସଗୃହ ନିର୍ମାଣ ଚାଲିଛି। ଶୀଘ୍ର କାରଖାନା ଗଢି ଉଠିଛି। ଯାହାକି ଦିନକୁ ଦିନ ନୂଆ ନୂଆ ଜନବସତି ଗଢି ଉଠୁଥିବାବେଳେ ପୋଖରୀ, ଜଳାଶୟଗୁଡିକୁ ପୋତି ଦିଆଯାଇ ତା ଉପରେ ଜନବସତି ମାନ ଗଢି ଉଠିଛି। ପୁରୀ, କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ପରି ରାଜ୍ୟର ବଡ ବଡ ସହରରେ ଥିବା ପୋଖରୀ, ଗାଡିଆ, ଜଳର ପ୍ରାକୃତିକ ଉତ୍ସକୁ ପୋତି ଦିଆଯାଇ ନିର୍ମାଣ ଚାଲିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରର ଜନବହୁଳ ନୟାପଲ୍ଲୀ ଅଂଚଳରେ କାହିଁ କେଉଁ କାଳରୁ ୭ ଏକର ଜାଗାରେ ଥିବା ଏକ ପ୍ରାକୃତିକ ଜଳ ଉତ୍ସ ବା ହ୍ରଦ ଏବେ ଏକ ପୋଖରୀରେ ସିମୀତ ରହିଛି। ଏହି ହ୍ରଦ ଉପରେ ବଡ ବଡ ଅଟାଳିକା ଗଢି ଉଠିଛି। ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ପର୍ଯ୍ୟନ୍ତ ହ୍ରଦର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏଥିରୁ ରାଜ୍ୟରେ ପୋଖରୀ, ଗାଡିଆ, ପ୍ରାକୃତିକ ଜଳ ଉତ୍ସ ଉପରେ ଜମି ମାଫିଆଙ୍କର କିପରି କୁ ନଜର ପଡ଼ିଛି, ତାହା ଅନୁମାନ କରାଯାଇପାରେ। ସେହିପରି ଜମି ମାଫିଆଙ୍କ ନିକଟରେ ସରକାର ତଥା ପ୍ରଶାସନ କିପରି ଅସହାୟ ହୋଇଛନ୍ତି, ତାହାର ସଂକେତ ମଧ ପ୍ରଦାନ କରୁଛି। ଅବଶ୍ୟ ଆମ ରାଜ୍ୟରେ ପୋଖରୀ ଗୁଡିକର ପୁନରୁଦ୍ଧାର ଲାଗି ରାଜ୍ୟ ସରକାର 'ମୋ ପୋଖରୀ' ନାମରେ ଏକ ଯୋଜନା ଆରମ୍ଭ କରିଥିଲେ ବର୍ତମାନ ଏବେ ଏହା କେବଳ ଯୋଜନାରେ ରହିଯାଇଥିବା ମନେହୁଏ। ସ୍ମରଣକରାଯାଇପାରେ ଯେ, ଗ୍ରାମ ତଥା ଜନବସତିଗୁଡିକରେ ଲୋକଙ୍କ ବ୍ୟବହାର ପାଇଁ ରାଜରାଜୁଡା ଶାସନ ଅମଳରୁ ପୋଖରୀ, ଗାଡିଆ ଖନନ କରାଯାଇଥିଏ। ଯେଉଁ ପୋଖରୀ କେବଳ ଲୋକମାନଙ୍କର ଦୈନନ୍ଦିନ ବ୍ୟବହାର ପାଇଁ ନୁହେଁ, କୋଠ ମାଛଚାଷ ଏବଂ ଅଗ୍ନି ବିପତି କୃଷିକ୍ଷେତ୍ରକୁ ଜଳସେଚନ ଆଦି କ୍ଷେତ୍ରରେ ମଧ ଏହାର ଜଳକୁ ବ୍ୟବହାର କରାଯାଇଥାଏ। ରାଜ୍ୟରେ ଖରାଦିନେ ପୋଖରୀ, ଗାଡିଆ, ଶୁଖିଲା ପଡିବା ଏକ ନିୟମିତ ଘଟଣା। ଗୋଟିଏ ପଟେ ଭୂତଳ ଜଳ ସ୍ତର ହ୍ରାସ ଏବଂ ଅନ୍ୟପଟେ ଅସହ୍ୟ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅନିୟମିତ ମୌସୁମୀ ଯୋଗୁଁ ବହୁ ପୋଖରୀ, ଗାଡିଆ, ଜଳାଶୟ ଶୁଖିଲା ପଡିବା ସହ କେବେ ବି ଜଳପୂର୍ଣ୍ଣ ହୋଇପାରୁନଥିବା ଦେଖାଯାଏ। ସେହିପରି ଭୂତଳ ଜଳସ୍ତର ପ୍ରତିବର୍ଷ କମି କମି ଯାଉଥିବା ବେଳେ ଗତ ଦଶନ୍ଧି ମଧରେ ଜଳସ୍ତର ୨ରୁ ୩ ମିଟର ହ୍ରାସ ପାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିପାଇଁ ଜଳ ସଂରକ୍ଷଣ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ବୈଜ୍ଞାନିକ, ପରିବେଶମିତ୍‌ମାନେ ଦେଇଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଆର୍ନ୍ତଜାତିକ ଉଷ୍ମତା ବୃଦ୍ଧି, ଋତୁ ଚକ୍ରରେ ପରିବର୍ତନ ନୂଆ ନୂଆ ଜନବସତି ବୃଦ୍ଧି, ଦ୍ରୁତ ଶିଳ୍ପାୟନ ଭବିଷ୍ୟତରେ ଜଳ ସଂକଟର ମୁଖ୍ୟ କାରଣ ହୋଇପାରେ। ବିଶ୍ୱସ୍ତରରେ କ୍ଲାଇମେଟ ଇଣ୍ଡେକସରେ ଓଡିଶା ନିରାପଦ ସ୍ଥାନରେ ରହିବା ଏବଂ ନିକଟ ଭବଷ୍ୟତରେ ରାଜ୍ୟରେ ଜଳ ସଂକଟର ଆଶଙ୍କା ଥିବାନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ପ୍ରଥମ ଜନଗଣନା ରିପୋର୍ଟ ସତ୍ତ୍ୱେ ରାଜ୍ୟରେ ଭୂତଳ ଜଳ ସ୍ତର ହ୍ରାସ ପାଇବା ନିଶ୍ଚିତ ଭାବେ ଚିନ୍ତାଜନକ। ଜଳ ସଂରକ୍ଷଣ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯିବ ଏବଂ ରାଜ୍ୟରେ ଥିବା ପୋଖରୀ, ଗାଡିଆ, ପ୍ରାକୃତିକ ଜଳ ଉତ୍ସର ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ। ଯାହାକି ଜଳ ସଂକଟର ରାଜ୍ୟକୁ ସୁରକ୍ଷିତ ରଖିପାରିବ। ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳରେ ବହୁ ପ୍ରାକୃତିକ ଝରଣା, ଜଳ ଉତ୍ସ ରହିଛି, ଯାହାକି ମଣିଷ, ଜୀବଜନ୍ତୁଙ୍କ ପାଇଁ ପ୍ରକୃତିର ଅବଦାନ। ତାହାର ସୁରକ୍ଷା ଏବେ ଜରୁରୀ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ଶରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯




## ତୁମ ଅପେକ୍ଷାରେ

**ଚିକୁନ୍ ପଣ୍ଡା**



ଅଗଣିତ ତାରା ମେଳେ ତୁ ଏକା ମୋର
ଥାଉ ପଛେ ତୋ ଦେହେ କଳଙ୍କ,
ତୋ ଚନ୍ଦ୍ର ଜୋଛନା ମୋ ଦେହେ
ଭରିଦିଏ ଆଦ୍ୟ ଯୌବନର
ପହିଲି ଛୁଆଁ
ଥା ପଛେ ମୋ ଠାରୁ ବହୁ ଦୂର ।
ସଂଜ ହେଲେ ନିଇତି ଆକାଶେ ଆସି
ସକାଳେ ବାହୁଡ଼ି ଯାଉ,
ବଡ଼ ଦଗା ଦିଆ ପ୍ରେମିକଟିଏ ତୁ
କଥା ଦେଇ କଥା ଭୁଲି ଯାଉ
ଅନ୍ୟ ମୁଣ୍ଡେ ଲଦି ଦେଉ
କଳଙ୍କର ଟୀକା ।
ସାଇତି ରଖିଛି ତୋ ସ୍ମୃତି
ଏ ଟିକି ହୃଦୟରେ
ଆସିଲେ ଦେଖିବୁ ମୋ ହୃଦୟ ଚିରି,
ନିଇତି ଝରକା ଫାଙ୍କେ ତତେ ଚାହେଁ
ମନେ ମନେ କେତେ ତୋ କଥା ଭାବେ
ସେ କଥା କି , ତତେ ଅଛପା !
ଏ ଦୁନିଆ କହିଲେ କହୁ
ପଛେ ଯେତେ କଥା
ମୁଁ ତତେ ଭଲ ପାଉଛି,
ପାଉଥିବି ଜୀବନସାରା,
ତୋ ଭିତରେ ଘରଟିଏ
ତୋଳିବାର ସ୍ୱପ୍ନ
ମଧୁ ଚନ୍ଦ୍ରିକା ରଚିବାର ଆଶା,
ଆଶାରେ ରହି ଯିବନି ତ
ଭାବିଲେ ଲାଗେ ଭାରି ଡର ।
ମୋ ହାତ ରେ ଗୋଲାପ ପେନ୍ଥା,
ତାରା ସଜ୍ଜିତ ରଙ୍ଗୀନ ଆକାଶ
ଆମକୁ ଦେଖୁଛନ୍ତି,
ମୋ ପ୍ରେମ କୁ ପ୍ରତ୍ୟାଖାନ କରିବ କି ,
ମତେ ପାଛୋଟି ନେବ
ତୁମ ଜହ୍ନ ରାଇଜ !
ସତ କରି ଦିଅ ମୋ ଭାବନାକୁ ।
ରୋମିଓ- ଜୁଲି ଏଟ୍ ପରି
ଅମର ହେଉ ଆମ ପ୍ରେମ
ସାରା ଦୁନିଆ ଦେଖି ଈର୍ଷାରେ ଜଳୁ,
ଯୁଗ ଯୁଗକୁ କଥା ରହୁ ।

+ କଟକ
୮୪୮୦୮୨୧୭୮

## ଇଚ୍ଛାର ଈଶ୍ୱର

**ଜିନାତମାମ ଦର୍ଜୀ**



ତୋ ଛଳନାର ଡହ ଡହ
ବିଷ ମୁଁ ପିଇ ସାରିଛି
ତୁ ଆଉ କେଉଁ ହଳାହଳରେ
ମତେ ମାରିବୁ ?
ଧୀରେ ଧୀରେ ତୋ ପୃଥିବିରୁ
ନିରୁଦ୍ଧିଷ୍ଟ ହେବି
ତୁ ଚାହିଁଲେ ବି ମତେ
କେଉଁଠି ଖୋଜିବୁ ?

ତୋର ସବୁ ଚାଲାକି ଜାଣିଛି, ବୁଝିଛି
ଅଭିଯୋଗ କରିବିନି କି,
ଅଭିମାନ କରିବିନି
ସେ ସବୁତ ପ୍ରେମରେ ହୁଏ !

ଅଧିକ ଶ୍ରଦ୍ଧା,
ଅଧିକ ସମ୍ମାନ,
ଅଧିକ ପ୍ରେମ ପାଇଲେ
ମଣିଷ ଗର୍ବି ହୁଏ
ତୁ କାହିଁକି ଅପବାଦ ଯିବୁ ?
ମୋ ଲୋଡ଼ିବା ବେଳେ
ତତେ ନ ପାଇବା
କିଛି ପରିସ୍ଥିତି,କିଛି ନିୟତିର ଖେଳ,
ଆଉ କିଛି ତୋର ଧୂର୍ତ୍ତ ଚାଲାକି

ପୂର୍ବ ଦିଗରେ ସୂର୍ଯ୍ୟ ଉଦୟ ହୋଇ
ପଶ୍ଚିମରେ ଅସ୍ତ ହେବା
ଭଳି ମୋର ଆସିବା ଯିବା
ଚାଲିଯିବା ଆଗରୁ
କାହିଁକି କିଛି କହିବି ?
ମତେ ଯାହା ଉପେକ୍ଷା କଲୁ
ସବୁକୁ ସାଦରେ ଗ୍ରହଣ କଲି,
ଏବେ ବିଦାୟ ନେ
ଏଥର ତୁ ତୋ ଇଚ୍ଛାର ଈଶ୍ୱର ହ' ।

+ମୋ -୮୦୧୮୮୦୭୧୫୩

## ଆଜିର ସମାଜରେ

**କୁନା ସେଠୀ**



କୁଟୀଳ କରି ମତି କି
ଦୁରେଇ ସବୁ ଭିତି କି
ଅନ୍ଦିକନ୍ଦିରେ ଦ୍ୱନ୍ତି ମନ
ଆଣନ୍ତି ନିଜ କତି କି
ଜଳାଇ ଇର୍ଷା ବତିକି
ଛନ୍ଦ ମନ୍ଦରେ ଦେଇ ଧ୍ୟାନ।
ପ୍ରକାଶି କୂଟ ବଳକୁ
ଆୟତି ସବୁ କୂଳକୁ
ସାଜନ୍ତି ନିଜେ ଭଗବାନ
ଆକଟି ସବୁ ଫଳକୁ
ଦୁରେଇ ଯା'ନ୍ତି ବେଳକୁ
ଦେଖହେ ମତି କେଡେ ହୀନ ।
ସ୍ୱାର୍ଥ କୁ ଆପଣାଇ
ଅକର୍ମେ ଭୁଂଜୁଥାଇ
ଭୁଲି ଯେ ପାପପୂଣ୍ୟ ଜ୍ଞାନ
ମିଥ୍ୟାକୁ ଦେହେ ବହି
ଜ୍ଞାନୀ ଯେ ବୋଲୁଥାଇ
ହରାଇ ବିବେକର ମନ ।
କରନ୍ତି ହଇରାଣ
ଅଯଥା ଅକାରଣ
ନିଅନ୍ତି ପ୍ରାଣ ପୁଣି ହରି
ଗରିବ ଧନ ଜାଣ
ଲୁଟନ୍ତି ପୁଣ ପୁଣ
ଦିଅନ୍ତି କଲବଲ କରି ।
ଠକିବା ତାଙ୍କ ନିଶା
କରନ୍ତି ସେଠି ବସା
ଭାବନ୍ତି ନିଜକୁ ଯେ ହରି
ନାରୀକୁ କରି ଆଶା
ଭୋଗର ଦ୍ୱନ୍ଦୀ ଭାଷା
ମୃତ୍ୟୁ ର ଫାଶ ବେଢ଼ି କରି ।
ନମାନି ଈଶ୍ୱରଙ୍କୁ
ଲୁଟନ୍ତି ପରା ତାଙ୍କୁ
ନାମରେ ତାଙ୍କ ଚୋରି କରି
ଶିକ୍ଷାକୁ ବିକି ସାରି
ବୋଲାନ୍ତି ଜ୍ଞାନୀ ପରି
ଶିକ୍ଷିତ ଛାପ ଦେହେ ମାରି ।

+ଭୁତସରସିଙ୍ଗି, ପୁରୁଷୋତ୍ତମପୁର,
ଗଞ୍ଜାମ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୯ ମଇ, ମଙ୍ଗଳବାର, ୨୦୨୩

# କବିତାମାଳା

## ଭିନ୍ନ ଏକ ମୂଲ୍ୟବୋଧ
### ଶରତ କୁମାର ଦାସ



ସେଦିନ ବି ଥିଲା ମିଠାମିଠା ଜ୍ୟୋସ୍ନାର ତରଙ୍ଗ
ଆଉ ବି ଥିଲା ପରସ୍ତ ପରସ୍ତ ବହଳ ଅନ୍ଧାର
ସେଇ ପାଣିଚିଆ ଛାଇ-ଆଲୁଅର ବୀସ୍ତିର୍ଣ୍ଣ ପରିଧିରେ
ଖୋଜୁଥିଲେ ବୁଲି ବୁଲି ମୂଲ୍ୟବୋଧର ଚକମକ୍ ଚିତ୍ର
ଗ୍ରୀକ୍ ଦାର୍ଶନିକ ଡାଓଜିନିସ୍
ଉତ୍ତର ଗୋଲାର୍ଦ୍ଧରୁ ଦକ୍ଷିଣ ଗୋଲାର୍ଦ୍ଧ
ହାତରେ ଲଣ୍ଠନ ସହ ଝୁଲା ଥଳି
ଗୋଟେ କାନ୍ଧରେ ପକାଇ।

ସରଳ ଜୀବନର ଗାଧୁଆ ତୁଠରେ
ଭେଟୁଥିଲେ ସେ ମୂଲ୍ୟବୋଧର ଅମ୍ଳାନ ଛବି,
ତମସାର ଅଥଳ ଗର୍ଭରେ ସେ ଖୋଜୁଥିଲେ ଜ୍ୟୋତି
ସହଜରେ ଡେଇଁପାରିଥିଲେ ସୁଖସର୍ବସ୍ୱ ଦୁନିଆର ଏରୁଣ୍ଡି ।

ଅନେକ ଅସମାହିତ ପ୍ରଶ୍ନର ଚକ୍ରବ୍ୟୁହରେ
ବାର୍ ବାର୍ ସେ ହେଉଥିଲେ ବାଟବଣା
ଉତ୍ତର ନପାଇବାର ଅବସୋସବୋଧରେ
ଭୋଗୁଥିଲେ କ୍ରୁଶବିଦ୍ଧର ନିର୍ମମ ଯନ୍ତ୍ରଣା ପ୍ରତି ମୁହୂର୍ତ୍ତରେ ।

ଋତୁଚକ୍ର ବଦଳିଲା ପରି
କିପରି ବଦଳିଯାଏ ମୂଲ୍ୟବୋଧର ମୌଳିକ ଅର୍ଥ
ବ୍ୟକ୍ତି ଠାରୁ ବ୍ୟକ୍ତି ବିଶେଷରେ
ପ୍ରମାଣ କରିଥିଲେ ଆଉ ଜଣେ ଗ୍ରୀକ ଦାର୍ଶନିକ
ଆରିଷ୍ଟୋପିସ୍, ଡାଓଜିନିସଙ୍କ ସମସାମୟିକ ।

ସୁଖ-ସମୃଦ୍ଧିର ଲବଙ୍ଗଦ୍ୱୀପରେ
ସନ୍ଧାନପାଇଥିଲେ ସେ ମୂଲ୍ୟବୋଧର ମଧୁର ରହସ୍ୟ ।

ଫରକ ଥିଲା ଚିନ୍ତା ଓ ଚେତନାର ଦୁହିଁଙ୍କ ମଧରେ
ଦାରିଦ୍ର୍ୟର ଆଖି ପାଉନଥିବା ନିର୍ଜନ ଦ୍ୱୀପରେ
ଡାଓଜିନିସ୍ ସାଉଁଟିଥିଲେ ମୂଲ୍ୟବୋଧର ସୁବର୍ଣ୍ଣ କଣିକା
ମାତ୍ର ଇନ୍ଦ୍ରପ୍ରସ୍ଥର ସୁରମ୍ୟ ଚୌହଦିରେ
ଆରିଷ୍ଟୋପିସ୍ ବାରିପାରୁଥିଲେ ମୂଲ୍ୟବୋଧର ସ୍ପଷ୍ଟ
ପାଦଚିହ୍ନ।

ମୁଠା ମୁଠା ନୀତି ନିୟମର ଅର୍ଗଳି ଭିତରେ
ତମାମ୍ ଜୀବନକୁ ନିରେଖି ଦେଖିବା କ'ଣ
ମୂଲ୍ୟବୋଧର ଯଥାର୍ଥ ମାନଦଣ୍ଡ ?

ନା ରାଶି ରାଶି ଅନୁଶାସନର ବନ୍ଧନରେ ଜୀବନ ଗଢିବା
ମୂଲ୍ୟବୋଧର ଅଲିଭା ସଂକେତ ?

ନିଜଠାରୁ ବୃହତ୍ତର ଓ ଶ୍ରେଷ୍ଠ ଏକ ଉପଲବ୍ଧି ପାଇଁ
ଜୀବନ ଜିଇଁବାର ଉର୍ବର ଭୂଇଁରେ ଗଜୁରୁଥାଏ କି
ମୂଲ୍ୟବୋଧର ବଳିଷ୍ଠ ଚାରା ?

ଏବେ ବଦଳିଛି ଝର୍କା ସେପଟର ପୃଥିବୀ
ତାଳ ଦେଇ ବଦଳିଛି ବି ମୂଲ୍ୟବୋଧର ରଙ୍ଗିନ ମାନଚିତ୍ର
ଅନ୍ଧାରର ସାମିଆନା ତଳେ ଅଣନିଃଶ୍ୱାସୀ
ହେଉଛି ନୀତିଯୁକ୍ତ ଜୀବନର ମୂଲ୍ୟ ।

ଝଲସିଉଠୁଛି ରକ୍ତର ଅବିର ମାଟିର ଛାତିରେ
ପବନର ଡେଣାରେ ଲାଖିଛି ଶାଙ୍କୁଚର କଣ୍ଟା
ମେଂଚା ମେଂଚା ବସ୍ତୁବାଦୀ ଚେତନାର
ଧାରୁଆ ଛୁରୀରେ ଲହୁଲୁହାଣ ମୂଲ୍ୟବୋଧର ସ୍ନିଗ୍ଧ ଅବୟବ
ଜହ୍ନର ମେଢରେ ଅମାର ଆତଙ୍କ
ମାଳ ମାଳ କୁଟିଳ ଚକ୍ରାନ୍ତର
ଫାଶିଖୁଣ୍ଟରେ ଝୁଲୁଛି ମୂଲ୍ୟବୋଧର ଫୁଙ୍ଗୁଳା ଶରୀର ।

ଫଣାଟେକିଛି ସଙ୍କଟ ମୂଲ୍ୟଗୁଡିକର ସ୍ୱୀକାରରେ
ଦଂଶନକରୁଛି ସ୍ୱାର୍ଥପରତାର କଳାସର୍ପ
ଆମ ସୁସ୍ଥ ମାନସିକତାରେ
ସବୁରି ଭିତରେ ଏବେ ଧସେଇ ପଶୁଛି
ଅହଙ୍କାରର ପୁଳା ପୁଳା ନିଆଁ ହୁଳା,
ନିଃଶ୍ୱାସ ଲେଖୁଛି ଅବିଶ୍ୱାସର ରକ୍ତିମ ଠିକଣା
ସତେଯେମିତି କବ୍ଜା କରୁଛି
ଭିନ୍ନ ଏକ ମୂଲ୍ୟବୋଧର କଳଙ୍କିତ ଛାଇ ।

❤ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କ୍ଷେତ୍ରଫଳ
### ଗଜାନନ ମିଶ୍ର

ଏ ରାତି ଅଧରେ ଆକାଶର
କ୍ଷେତ୍ରଫଳ ନେଇ କରିବ କଣ ?
ଏଇଠୁ ଏଇଠିକୁ ଯାଉ ଯାଉ ତୁମେ ଯେ ସ୍ଥିର
ନିଜଠି ଏଇଟାକୁ କେମିତି କରିବ ଅସ୍ୱୀକାର ?
ସଭିଙ୍କ ଗହଣରେ ଥାଇ ଏକାକୀ
ତୁମେ ଯୁଝୁଛ ନିଜ ସହିତ ଆଉ ଚିହ୍ଲଉଛ
ନିଜକୁ କରି କରି ରକ୍ତାକ୍ତ।
ଫାଟୁଛି ମାଟି ଆକାଶର ପରିସୀମା ଡେଇଁ
ତୁମର ମନ୍ତ୍ର ଯନ୍ତ୍ର ଆୟ ଉପାୟ ସବୁ
ଫେଲ ହୋଇଯାଉଛି ଦେଖୁ ଦେଖୁ ଗୋସେଇଁ।
ଏ ରାତି କାହା ପାଇଁ କିପରି ପଚାର ଯାଇ
ସେଇଠି ଇ ସେମିତି ବସିଛି ସତୀ।
ବସିଲା ଜାଗାରୁ ଉଠିଆସ ପାରୁଛ ଯଦି
ଆଉ ଦେଖ ଦଶଦିଶ ଯାଉଛି ଫାଟି ଫାଟି।

❤ତପୋବନ, ଟିଟିଲାଗଡ

## ବେନାମୀ ସମ୍ପର୍କ
### ଉତ୍କଳିକା ଦାଶ



ତମେ କେମିତି ଶୁଣିପାର
ମୋ ନିରବତାକୁ ?
କେବେ ତ କହିନାହିଁ
ମନଖୋଲି
ଛାତିର ନିବୁଜ କୋଠୋରୀରୁ
କେମିତି ଶୁଣିପାର ସେ ଶବ୍ଦ ଗୁଡ଼ିକୁ ?
ତମେ କେମିତି ବୁଝିପାର
ମୋ ଅବ୍ୟକ୍ତ ଯନ୍ତ୍ରଣାକୁ
କେବେ ତ ଧରିନାହିଁ ଜାବୁଡ଼ିକି
ଅନ୍ତଃସ୍ୱରର ଦୁଃଖ ସବୁକୁ
କେମିତି ସାଉଁଟି ପାର ପାପୁଲିରେ ?
ତମେ କେମିତି ଦେଖିପାର
ମୋ ଦୃଦୟର ଲହୁକୁ
କେବେ ତ ନିଗାଡ଼ି ନାହିଁ
ତମ ସାମ୍ନାରେ
କେମିତି ପୋଛିପାର ମିଠା କଥାରେ ?
ଶୁଣିବାରେ କି କହିବାରେ
ପ୍ରତ୍ୟାଶାକୁ ଦଳିମକଚି
ତମେ କେମିତି ହୋଇପାର ସମର୍ପଣ
ଅତି ସର୍ନ୍ତପଣରେ ମୋ ନିକଟରେ ?
କେବେ ତ ଦେଇନିକିଛି
ଅକ୍ଳେଶରେ ପିଇ ଚାଲିଛି ଜହରକୁ
ଠିକ୍ ଆଶୁତୋଷଙ୍କ ପରି
ତମେ ମାନବ ନା ଦେବତା ?
ବୁଝିବି ଅବୁଝା ହୁଏ
ତମେ କିନ୍ତୁ ସ୍ଥିର ନିଶ୍ଚଳ
ମୋ ନିରୁତା ପଣର ଛାତିଚିରି
କୋଳାହର ଗୁଞ୍ଜରଣ ସୃଷ୍ଟି କରୁଥିବା
ଶବ୍ଦ ସମ୍ଭାର ତମେ ।
ବେନାମୀ ସଂପର୍କଟିଏ ମୋ ସହ
ପାଇବାର ଇଚ୍ଛା
ହରାଇବାର ଭୟଠୁ
ଅନେକ ଦ୍ୱରରେ ତମେ
ତଥାପି ନିଗାଡ଼ି ଚାଲିଛି ଲୁହଲହୁ
ମୋଗତିପଥେ ।

❤ଠାକୁରପାଟଣା, ଆଳି,
କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

## ଚେତନାର ଚୌହଦୀ...
### ଅମରେନ୍ଦ୍ର ବେହେରା



ଚେତନାର ଚୌହଦିକୁ ପ୍ରଶ୍ନ କରେ
ମୁଁ ଯେ ଆଉ ଲେଖୁନି କବିତା
ତୋଳୁନି ଆଶା ନିରାଶାର ବାଲି ଘର
ଜୀବନର ବେଳାଭୂମି ପରେ ।
ଆଙ୍କୁ ନାହିଁ ଚିତ୍ର ମନର କାନଭାସ୍
ପରେ
କଳ୍ପନାର ଚିତ୍ର ତୁଳୀ ଧରି ।
ଫାଲ୍ଗୁନୀର ଧୂସର ସକାଳ
ରୋମାଞ୍ଚିତ କରୁନାହିଁ କାହିଁକି
ବାସନ୍ତୀ ମଳୟର ଶିହରଣ,
କୋଇଲିର କୁହୁରବ,
ଆମ୍ବ ବଉଳର ଭୁରୁଭୁର ବାସ୍ନା
ବିମୋହିତ କରୁନାହିଁ କାହିଁକ ?
ଅଭିସାରିକା ପୃଥିବୀ
ସୁବାସିତ ସାତରତୁ
ଫେନୀଳ ଶୁଭ୍ରଜ୍ୟୋତ୍ସ୍ନା
ଉଚ୍ଚାଟ ଭରୁନାହିଁ କାହିଁକି ?
ଦୂର କେଉଁ ଗୋଗୋଷ୍ଠ ବନରେ
ଅନବରତ ବଂଶୀ ର ମୂର୍ଚ୍ଛନା
ବିରହର ସ୍ୱର
କନିଷ୍ଠ ମୁଦ୍ରିକା
କଙ୍କଣ ହେବାର ଅଭିଯୋଗ
ଲାଗୁଛି ଯେପରି ଭିତ୍ତିହୀନ ।
ଦୂର କେଉଁ ଦେବାଳୟେ
ଉଚ୍ଚାରିତ ମନ୍ତ୍ର ଧ୍ୱନି
ଆଶା ବିଜଡିତ ଦିଅଁଙ୍କୁ
ଆକୁଳ ଆର୍ତ୍ତ ପ୍ରାର୍ଥନା
ସହସ୍ର ଦିପାଳି ଜାଳି
ନାହିଁ ସେହିଁ ବ୍ୟଗ୍ରତା
ଅସରନ୍ତି କାମନା ପୂରଣ
ନ ହେବାର ଆଶଙ୍କା ।
ମୁଁ ଯେ ବାସ୍ତବବାଦୀ
କବିର ଅପରିମିତ କଳ୍ପନା
ନାହିଁ ମନେ ପ୍ରଗଲ୍ଭତା
ଜନ୍ମ ମୃତ୍ୟୁର ଛନ୍ଦ ପଉନ ।
ମୋ ପାଇଁ ଜନ୍ମ ଜନ୍ମ
ମୃତ୍ୟୁ ମୃତ୍ୟୁ ।
ହେଲେ ଚଞ୍ଚଳ ମନର
ଆବେଗ ନିକଟରେ
ହାରିଯାଏ ମୁଁହି
କରେ ନିସର୍ତ୍ତ
ଆତ୍ମ ସମର୍ପଣ
ପୁଣି ଥରେ ଲେଖେ କବିତା
ତୋଳେ ଆଶା ନିରାଶାର ବାଲିଘର
ଜୀବନର ବେଳାଭୂମି ପରେ ।


❤ଧନିଆପଡ଼ା, କେନ୍ଦ୍ରାପଡ଼ା



## ସ୍ୱୀକାରୋକ୍ତି
### ସୁଜାତା ମେହେର

ମୋ ମଧରେ
ଅସମାପ୍ତ କାମନାର ଢ଼େଉ
ଅଗଣିତ ଅଭିଲଷିତ ଇଚ୍ଛା
ବାସ୍ତବତାରୁ ଅନ୍ତତଃ
କିଛି ପାଦ ଆଗରେ
ଲହରୀ ଭାଙ୍ଗେ
ସ୍ୱପ୍ନମଗ୍ନ ମୋ ଆଖି ତଟରେ।
ମୁଁ ପୂର୍ଣ୍ଣ ନହେଲେ ବି
ଶୂନ୍ୟ ନୁହେଁ
ଲୋଭୀ ନହେଲେ ବି
ରହିଛି ଲାଳସା ଆଞ୍ଜୁଳାଏ
ମୋ ମଧରେ ବି ସମ୍ପର୍କର ଜାଲରେ
ସ୍ୱାର୍ଥ ରୂପୀ ବୁଢ଼ିଆଣୀ
ବସା ବାନ୍ଧି ରହେ।
ଆଇନାରେ ନିଶ୍ଚୟ ଦେଖେ ମୁଁ
ନିଜ ଅବୟବକୁ
ଦେଖେ ମଧ ହୃଦୟର
ରଙ୍ଗୀନ କଳ୍ପନାକୁ
ଆଉ ମଧ ଦେଖିପାରେ
ଭଲ ମଧରେ ଲୁଚିଥିବା
ଅନେକ ଛୋଟ ଛୋଟ
ଖରାପ ଗୁଣକୁ।
ଏବେ ଆଉ ଲାଜ ଲାଗେନା
ନିଜକୁ ଆଉ ନୀଚ
ମନେ କରେନା
ନିଜ ଭୁଲ ଯୋଗୁଁ
ପଶ୍ଚାତାପ କରେନା
ବାସ୍ ମୁହଁ ଖୋଲି
ମାଗିନିଏ କ୍ଷମା।
କାରଣ,
ଏବେ ଆଉ ସାହସ ହୁଏନା
ନିଜ ଭିତରେ ସାଇତି ରଖିବାକୁ
ଅତୀତର ଶୋଷ ଅବଶୋଷ
ମୁହଁ ଖୋଲି କହିଦେଲେ
କୋହ କିମ୍ବା କୁହେଳିକା ରହେନା
ହୋଇଯାଏ କଥା ଶେଷ।

ହାତୀବନ୍ଧା, ନୂଆପଡ଼ା



## ବନ୍ଧୁତା
### ଝରଣା ବାରିକ

ମେ ତ ନିରବ ମୁଁ ବି ନିରବ
ନିରବତା କହେ ଅନେକ କଥା,
ତୁମେ ଅପେକ୍ଷା ରେ ମୁଁ ଅପେକ୍ଷାରେ
ସମୟ ବୁଝେନା ମନର ବ୍ୟଥା।

ଅଙ୍କା ବଙ୍କା ନଇ ଯାଏ ସିନା ବହି
ମୋ ବାରତା ଦେବ ତୁମରି କାନେ,
ଭୁଲି ଯିବ ସବୁ ପଛ କଥା ତୁମେ
ମୋ କଥା କାଳେ ପଡ଼ିବ ମନେ।

ଜହ୍ନ ରୁ ଜୋଛନା ଝରି ପଡେ ସିନା
ମୋ ଗାଆଁ ଠାରୁ ତୁମ ଗାଆଁ ଯାଏ,
ତାରା ଫୁଲ ମେଳେ ହସି କହେ ପୁଣି
ବନ୍ଧୁତା ଆମର ଅତୁଟ ରହେ।

ସମଲ, ତାଳଚେର, ଅନୁଗୋଳ
ମୋ:୯୫୫୬୮୪୬୯୩୨

## ବିଜ୍ଞାପନ
### ଆନନ୍ଦ କୁମାର ମାଇଟି



କେଉଁ ଅନାଦି ଅନନ୍ତ କାଳରୁ
ଯେଉଁ ରମଣୀ ଦୀର୍ଘ ନିଶ୍ୱାସରେ
ନିବସ୍ତ୍ରା ହୋଇଥିଲା
ନିଜର ଯାବତୀୟ ପୋଷାକ
ପରିଛନ୍ନରୁ
ଆଦିମ ପ୍ରାଚୀନ, ପୃଥୀ ଆଉ ଅନଳରୁ
ସେ ବାରମ୍ବାର ଅମାନିଆ ହୋଇ
ଉଠିଛି
ନିଷିଦ୍ଧ ଅବୈଧ ସଂଗମରେ।
ଏବଂ ପ୍ରତିକ୍ଷଣରେ
ଏକ ଉଷ୍ଣ ପ୍ରତ୍ୟୟ ଭିତରେ
ହୋଇଛି ଅନ୍ତଃସତ୍ତା

ସେଇ ଅନନ୍ତ କାଳରେ ଯେଉଁ ରମଣୀ
ନିର୍ଜନତାରେ ଠିଆ ହୋଇଥିଲା
ଅତ୍ୟନ୍ତ ଅଶ୍ଳୀଳ ଆମନ୍ତ୍ରଣ ପୂର୍ଣ୍ଣ ଢଙ୍ଗରେ
ଏବଂ ତାର ଅନାବୃତ ଯୌବନର
ପସରାରେ
ଦିନେ ଅବକ୍ଷୟ ଛାଡ଼ି
ସୁଲଭ ଯୁବକଟେ ହୋଇ ଦେଖୁଥିଲି
ତା ସାମ୍ନାରେ।

ସେଇ ଅନନ୍ତ କାଳର ଲୋଭାତୁର
ଆମନ୍ତ୍ରଣ
ଏଇ ଉଲଗ୍ନ ମସିହାରେ ଲଜ୍ୟାଶୀଳା
ବିଦେଶିୟ ଶୈଳୀ ସ୍ୱଗୃହ ଇଜତକୁ
ପ୍ରତି ମୁହୂର୍ତ୍ତରେ ବଳାତ୍କାର କରିଚାଲିଛି
ଉଲଗ୍ନ କିଶୋରୀକୁ ଆହୁରି ଅଧିକ
ଉଲଗ୍ନ କରି।

❤ଏରସମା, ଜଗତସିଂହପୁର

## ପାଉଁଜି
### ବର୍ଷାରାଣୀ ମହାମଲ୍ଲିକ



ପାଉଁଜି, ଭାରି କଥାକୁହା ଝିଅଟେ
ନା ?
ସବୁବେଳେ ଛମ୍ ଛମ୍ ତାକୁ ଥକ୍କା
ଲାଗେନି..
କେଜାଣି ବାଟରେ ଯାହାକୁ
ଭେଟୁଥିବ
କହୁଥିବ କେତେ କଥା..
ଆଉ ଖୁବ ଆତ୍ମୀୟ ଭଳି ଲୋକେ ବି
ତା ଶବ୍ଦକୁ କାନ ଡେରିଥାନ୍ତି।
କେଜାଣି କଣ କହୁଥାଏ ବାଟସାରା...
ତା ସ୍ୱରଟା କିନ୍ତୁ ବେଶ୍ ମିଠା ଯଦିଓ
ତା ଭାଷା ବୁଝି ହୁଏନା।
ଛୋଟ ବେଳେ ଝିଅ ଚାଲିବ ବୋଲି
ମାଁ ବାନ୍ଧିଦିଏ
ହଲେ ପାଉଁଜି ଝିଅର କୁନି ପାଦରେ..
ଝିଅ ଆହୁରି ଆହୁରି ଆଗକୁ ଯାଏ ଛମ୍
ଛମ୍ କରି।
ପ୍ରେମିକଟେ କିଣି ଦିଏ ତା ପ୍ରଣୟୀକୁ
ପାଉଁଜି
ପାଉଁଜିର ଗୋଟେ ଗୋଟେ ଝୁମୁକାର
ଶବ୍ଦ
ପ୍ରେମିକା କୁ ଲାଗେ ଯେମିତି ତା ପ୍ରେମୀ
କିଛି ମିଠା ମିଠା କଥା ତା କାନରେ
ଚୁପିଚୁପି କହୁଛି।
ଲାଗେ ଯେମିତି ସେ ଏଇଠି କେଉଁଠି
ଅଛି ଅଦୃଶ୍ୟ ଭାବରେ
ଅନୁଭବ କରିପାରେ ତାର ଉପସ୍ଥିତି
ପାଉଁଜିର ଶବ୍ଦରେ...
ପାଉଁଜି ଶୋଭା ପାଏ ନବବିବାହିତା
ରମଣୀର ପାଦରେ
ତାର ସେ ଛମ୍ ଛମ୍ ସୁରରେ..
ପ୍ରତିଧ୍ୱନିତ ହୁଏତ ପୁରା ଘର
ପରିବାର କହୁଥାନ୍ତି ହେଇ ବୋହୂ
ଉଠିଲାଣି, ବୋହୂ ରାନ୍ଧୁଛି, ବୋହୂ
ଆସୁଛି..
ମାଁର ପାଦର ପାଉଁଜିର ଛମ୍ ଛମ୍
ଶବ୍ଦରେ
ଅନ୍ତର ଖୋଜୁଥିବା ମାଁକୁ ଆସିବାର
ଖବର ପାଏ
ଅପେକ୍ଷା ସନ୍ତୁଷ୍ଟି ଆଣେ...
ବହି ଛାଡ଼ି ଯଦି ମୁଁ ଫୋନ୍ ଦେଖୁଥାଏ
ମାଁ ର ପାଉଁଜି ଶବ୍ଦର ସୁରାକ୍ ପାଇଁ
ହୋଇଉଠେ ସଚେତନ...
ଖୋଲିବସେ ଚେତନାଧର୍ମୀ ପୁସ୍ତକ..
ଏ ପାଉଁଜି ଯେତେ ସୁନ୍ଦର ତା ଠୁଁ ବି
ସୁନ୍ଦର ତାର କଥା.
ହଁ ପାଉଁଜି ଭାରି
କଥାକୁହା ଝିଅଟେ ନା ?

❤ଜିଲ୍ଲା : ବରଗଡ଼
ମୋ: ୮୨୬୦୬୫୯୩୩୨

## ପଳାସ ହସ... !
### ପବିତ୍ର କୁମାର ସାହୁ



ହଁ ମୁଁ ଫୁଲଟିଏ ଈଶ୍ୱରଙ୍କ ସୃଷ୍ଟି ସଂଭାରର
ନିଃସ୍ବଳଙ୍କ ବାସହୀନ ରମ୍ୟ ରକ୍ତିମ ପଳାସ ଟିଏ ।

ପଲ୍ଲୀର ଟାଣୁଆ ଟାଙ୍ଗରା ଭୂଇଁରେ
ଘଞ୍ଚ ବଣର ପଥୁରିଆ ଚଟାଣରେ ....
ବିଲ ଝରଣା ଓ କଣ୍ଟା ବୁଦା ଭିତରେ ସ୍ୱତଃ
ଉଜ୍ଜୀବିତ ହୋଇ ଅନେକ ସଂଘର୍ଷ ପରେ
ମେରୁଦଣ୍ଡ ସଳଖି ଆଜନ୍ମ ଶୁଷ୍କତାର ସ୍ୱାଦ ଚାଖି ଚାଖି
ମୁଣ୍ଡଟେକିଥିବା ଧରାତଳ ଅଗଣାର ସେହି ପଳାସ ଟିଏ ।

ପୁର କୁଳବଧୂ ମତେ କେଡେ ସରାଗେ ଚାହେଁ
ପୁଣି ସ୍ୱପ୍ନ ଦେଖେ ମତେ ନେଇ
ଗଭାରେ ସଜେଇ ହେବାକୁ ,
ନିର୍ବୋଧ ଶିଶୁଟିଏ ଚାହେଁ ତାର କଅଁଳ ହାତର
ଟୁଲୁଟୁଲୁ ପାପୁଲିରେ ତୋଳିଧରି ଖେଳିବାକୁ ,
ଆଉ ଗ୍ରାମର ତରୁଣୀ ମାନେ ମୋ ରୂପ ଲାବଣ୍ୟରେ
ମୁଗ୍ଧ ହୋଇ ପ୍ରଣୟ ଭିକ୍ଷା ଆଳରେ
ମଧ୍ୟାହ୍ନର ଉଦୁଉଦିଆ ଖରାବେଳଟାରେ
ଧାଇଁ ଆସନ୍ତି ମୋ ସହ ପ୍ରୀତି ବାଣ୍ଟିବାକୁ ...।

ପଥିକଟି ମୋର ଅପରୂପ ସୌନ୍ଦର୍ଯ୍ୟରେ
ବିମୋହିତ ହୋଇ ଭୁଲିଯାଏ
ରୌଦ୍ରତାପର ଭୟାବହ ତାକୁ ।
ମତେ ଦେଖି ପୁଣି ଚଷାଭାଇଟି ଗାଇଉଠେ
ସପ୍ତମ ରାଗରେ କେତେଯେ
ମନମତାଣିଆ ସଂଗୀତକୁ ।

ଅକସ୍ମାତ୍ ଅଣନିଃଶ୍ୱାସୀ ହୋଇ ପଡ଼ିଲି,
କିଛି ମୂହୁର୍ତ୍ତକ ପାଇଁ ମୋର ସ୍ପନ୍ଦନ ଅଚଳ,
ପାଷାଣ ପରି ବଲବଲ କରି ଚାହିଁ ରହିଲି,
ମହାବାତ୍ୟାର ଶକ୍ତ ଚାପୁଡ଼ା ପରି
ମହାସଂଗ୍ରାମର ବ୍ରହ୍ମାସ୍ତ୍ର ବିସ୍ଫୋରଣ ପରି
ଥରି ଉଠିଲା ମୋ ଅଷ୍ଟାଙ୍ଗ କଳେବର ...।

ଆଖି ବୁଲାଇ ବୁଲାଇ ପ୍ରକୃତିସ୍ଥ ହୋଇ ଚାହିଁଲା ବେଳକୁ
ଅଳିଆ ଆବର୍ଜନାର ସେହି ପଙ୍କିଳ କାଦୁଅ ଜଳରେ
ମୋ ଲାବଣ୍ୟ ଯେମିତି ଡହଳ ବିକଳରେ ଚିତ୍କାର କରୁଛି
ବଞ୍ଚାଅ......ବଞ୍ଚାଅ....ବଞ୍ଚାଅ.... ।

ମୁଁ ସହ୍ୟ କରି ପାରିଲିନି, କିଛି ବୁଝି ପାରିଲିନି ... !
ଆଲୁଅ ଭିତରର ସେହି ଅନ୍ଧାରକୁ,
ଗଭୀର ଜଳର ଗଭୀରତାକୁ,
ମହାକାଳ ଫଳର ରହସ୍ୟକୁ,
ଛାଇ ଆଲୁଅର ଲୁଚକାଳି ଖେଳକୁ,
ରାତ୍ରିର ସେହି ଲହ ଲହ ଜିହ୍ୱା ମେଲି
ରକ୍ତମୁଖା ଶ୍ୱାନ ପରି ଇନ୍ଦ୍ରଜାଲର କପଟ ଫାସକୁ ।

ବାସହୀନ ବୋଲି କ'ଣ ଏତେ ହତାଦାର... ?
ତୁମେସିନା ଗନ୍ଧହୀନ କହି ଫୋପାଡିଦେଲ
କଙ୍କଡ଼ା ହାଡଭଳି ମୋ ଅଣ୍ଟା ଭାଙ୍ଗି ଦେଲ
ବୁଝିଲନି ଟିକେ ମୋ ହୃଦୟର ମର୍ମଭେଦୀ
କରୁଣ ଚିତ୍କାରକୁ, ସୃଷ୍ଟିକର୍ତ୍ତାଙ୍କର ଅମୂଲ୍ୟ ସର୍ଜନାକୁ ।
ମୋ ଦେହରେ ଥିବା ସେହି ପ୍ରେମାନନ୍ଦକୁ ।

ସତରେ କଣ ହେ ମଣିଷ ତୁ ଏତେ ସ୍ୱାର୍ଥବାଦୀ .... !
ଏତେ ଜଟିଳ କୁଟିଳ ତୋ ପସାକାଠି ...... !
ଏତେ ଧୋକାବାଜ୍ ତୋ ବିଚାର...... !

ଛଳଛଳ ନେତ୍ରଯୁଗଳ, କିଛିକ୍ଷଣ ନୀରବର ଶାନ୍ତ
ସ୍ୱଭାବରେ ପୂର୍ଣ୍ଣଛେଦ ଟାଣି
ନାଲିଆ ଓଠରେ ମୃଦୁ ହସଟାଏ
ଭସାବାଦଲର ତରଙ୍ଗମେଳିରେ ଭାସି ଆସିଲା ...ସତ ।

କିନ୍ତୁ ସେ ହସ ଭିତରେ ଯେ,
ଗଦା ଗଦା ଯନ୍ତ୍ରଣା ଓ ବିଷାଦର ରତ୍ନାକର
ସମାହିତ ତାହା କ'ଣ ଏ ଆଧୁନିକ ମଣିଷ
ବୁଝି ପାରିଛି...... ?

❤(ଶିକ୍ଷକ)
ଗ୍ରାମ - ଅତାସାହି, ଜିଲ୍ଲା - କେନ୍ଦୁଝର
ମୋ - ୯୭୭୭୫୬୦୯୨୧

## ପ୍ରତି ହତ
### କବିତା ପଣ୍ଡା



କିଏ ବୁଝୁକି ନବୁଝୁ ଜାଣୁ କି ନଜାଣୁ
ଏ ଅପେକ୍ଷାର ମାନେ
ତୁମେ କିନ୍ତୁ ଠିକ୍ ବୁଝି ଥିବ ।

ସେଇ ଦିନରୁ ଯାଇଛ ଯେ ଯାଇଛ
ଯିବା ବେଳର ଦେଇ ଯାଇଥିବା
ଉପହାରକୁ
ସାଇତି ଟଙ୍ଗେଇ ରଖି ଥିଲି
ମୋ ମନ କାନ୍ଥରେ ।
ଏବେ ବେଳକୁ ବେଳ
ପ୍ରତି ହତ ପରିହାସ କରିବାକୁ ଲାଗି
ଲାଣି
ସ୍ମୃତି ର ଚିତ୍ର ଫଳକ ।
ଯିଏ ଦିନେ ଫୁଲ ଟିଏ କହି
ସାଜି ଥିଲା ମହୁମାଛି ?

ଭଉଁରୀ ଖେଳି ବାକୁ ଇଛା କରି
ସଜେଇ ଦିଏ ନଦୀ ।
ଯିଏ ଦିନେ ମନ ଚଢ଼େଇ କହି
ସଞ୍ଚିଦିଏ ଆଶା ଅଶୁମାରୀ ଆକାଂକ୍ଷା
ସିଏ ଯଦି ଦୂରକୁ ଦୂରେଇ ଯାଏ
ବହୁ ଦୂର ।
କହିବାକୁ ପଛ ଘୁଂଚା ଦେବନାହିଁ
କେବେ ବି ନିରିମାଖି ଚଢ଼େଇ
ତା ପାଇଁ ତମ ମନରେ
ବାନ୍ଧିଥିବା ବସାରେ ନଥିଲା ପ୍ରେମର
ପରିଭାଷା
କେବଳ ଛଳନାର ଆବୃତ ଅନ୍ଧାରିଆ
କୋଠରୀ ।

❤ମଙ୍ଗଳପୁର
ସୋର, ବାଲେଶ୍ୱର
ମୋ : ୭୭୩୫୭୭୬୩୪୨

# ପ୍ରଶାସନର ବିଫଳତା : ମହିଳା ସଫା କଲେ ଗାଁ ପୋଖରୀ

ହରିଚନ୍ଦନପୁର, ୦୮/୦୫ (ନି.ପ୍ର): ଶୁଣିଲା ନାହିଁ ପ୍ରଶାସନ। ଶେଷରେ ବାଧ ହୋଇ ମହିଳାମାନେ ଏକତ୍ରିତ ହୋଇ ସଫା କଲେ ଗାଁ ପୋଖରୀ। ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୪ ବର୍ଷ ହେବ ପୋଖରୀ ସଫା ପାଇଁ ଗ୍ରାମ ପଂଚାୟତ ନିକଟରେ ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ ସାହିବାସୀ । ପଂଚାୟତ ଅଧିକାରୀ ଏ ଦିଗରେ ଦୃଷ୍ଟି ନ ଦେବାରୁ ଶେଷରେ ବାଧ ହୋଇ ପୋଖରୀ ସଫା କଲେ ଗ୍ରାମର ଶତାଧିକ ମହିଳା । ଏଭଳି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବୁଢ଼ାଖମଣ ଗ୍ରାମ ପଂଚାୟତ ହଳଦିଆପଦା ସାହିରେ ଦେଖିବାକୁ ମିଳିଛି । ସାହିରେ ଭୂୟାଁ ଆଦିବାସୀ ସମ୍ପ୍ରଦାୟର ୪୦ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ବର୍ଷରୁ ଗୋଟିଏ ପୋଖରୀ ଉପରେ ମଣିଷ ଠାରୁ ଆରମ୍ଭ କରି ଗାଇଗୋରୁ ପର୍ଯ୍ୟନ୍ତ ସମସ୍ତେ ନିର୍ଭର କରିଥାନ୍ତି । କିନ୍ତୁ, ଦୁଃଖର ବିଷୟ ଖରା ଦିନରେ ପୋଖରୀରୁ ପାଣି ଶୁଖି ଯାଉଥିବା ବେଳେ ଲୋକେ, ଗାଇ ଗୋରୁଙ୍କ ପାଇଁ ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏକ କି.ମି. ଦୂରରେ ଥିବା ପୋଖରୀକୁ ଯାଇ ନିତ୍ୟକର୍ମ କରୁଥିବା ବେଳେ ଗାଇଗୋରୁ ମଧ ଶୋଷ ମେଂଟାଇଥାନ୍ତି । ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ ସାହି ନିକଟରେ ଥିବା ପୋଖରୀରେ ପଙ୍କ ଭର୍ତ୍ତି ହୋଇ ରହିଥିବା ବେଳେ ବର୍ଷାଦିନେ ଏହି ପାଣି ବ୍ୟବହାର କରି ଲୋକେ କାଛୁ କୁଣ୍ଡିଆ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବାର ନଜିର ରହିଛି। ପୋଖରୀରୁ ପଙ୍କ ବାହାର କରିବା ପାଇଁ ଗାଁ ଲୋକେ ବାରମ୍ବାର ସରପଂଚଙ୍କୁ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରି ନଥିବା ଲୋକଙ୍କ ଅଭିଯୋଗ ରହିଛି । ଅନ୍ୟପଟେ ପୋଖରୀ ମଧରେ ଦୀର୍ଘ ବର୍ଷ ଧରି ବିଭିନ୍ନ ପ୍ରକାରର ଅନାବନା ଗଛ ପୋଖରୀକୁ ଘୋଡ଼ାଇ ରଖିଥିଲା । ଯାହାକୁ ନେଇ ବାଧ ହୋଇ ଗ୍ରାମର ମହିଳା ନିଜ ପିଲା ଛୁଆଙ୍କ ସଙ୍ଗେ ନିଜ ଉଦ୍ୟମରେ ପୋଖରୀରୁ ଗଛ କାଟି ଅଳିଆ ଆବର୍ଜନାକୁ ସଫା କରିଥିଲେ । ଘଟଣା ବାବଦରେ ବୁଢ଼ାଖମଣ ଗ୍ରାମପଂଚାୟତ ସରପଂଚ ବିଦ୍ୟାଧର ଜୁଆଙ୍ଗଙ୍କୁ ପଚାରିବାରୁ ପଙ୍କ ଉଦ୍ଧାର ହେବାକୁ ଥିବା କଥା ଜାଣିଛି । ସେଥିପାଇଁ ପ୍ଲାନ ଦିଆଯାଇଛି, କାମ ହେବା ବାବଦରେ ମୁଁ କିଛି କହିପାରିବି ନାହିଁ, ବିଡ଼ିଓଙ୍କୁ ପଚାରିଲେ ଜଣାପଡ଼ିବ ବୋଲି କହିଥିଲେ । ସାହିର ଶକୁନ୍ତଳା ଦେହୁରୀ, ବାସନ୍ତୀ ପରିହାଳ, ମମତା ପରିହାଳ, ସୁଲୋଚନା ପରିହାଳ, ପହନ୍ତିରୀ ଦେହୁରୀ, ଅମ୍ରିତା ପରିହାଳ, ସେବତୀ ଦେହୁରୀଙ୍କ ସମେତ ସମସ୍ତ ସାହିବାସିନ୍ଦା ପୋଖରୀର ପୁନରୁଦ୍ଧାର କରିବା ପାଇଁ ଗୁହାରୀ କରିଛନ୍ତି । ଏଥିପ୍ରତି ଜିଲ୍ଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ପୋଖରୀରୁ ପଙ୍କ ଉଦ୍ଧାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଖୁଲମ ଖୋଲା ଚାଲିଛି ଦେଶୀ ସହ ବିଦେଶୀ ମଦ କାରବାର, ପୋଲିସ ଓ ଅବକାରୀ ବିଭାଗ ଚୁପ୍ : ବଢୁଛି ଜନ ଅସନ୍ତୋଷ

ହରିଚନ୍ଦନପୁର, ୦୮/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଓ ଘଟଗାଁ ଅବକାରୀ ବିଭାଗ ଅଧିନସ୍ଥ ସିଂହବିଲା ଛକରେ ଚାଲିଛି ବେଧଡକ ଭାବେ ଖୋମଲ ଖୋଲା ମଦ କାରବାର, ବଢୁଛି ଜନ ଅସନ୍ତୋଷ । ମିଳିଥିବା ଖବର ଅନୁଯାୟୀ, ଆଜକୁ ଦୀର୍ଘଦିନ ହେବ ଏଠାରେ ବେଧଡକ ଭାବେ ମଦ କାରବାର ଚାଲିଥିବା ବେଳେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଚୁପ୍ ହୋଇ ବସିଛି । ଜନତାଙ୍କ ପ୍ରଶ୍ନ ଯେ ମାଗୁରକୁ ଛାଡ଼ି ଏଠାରେ ପ୍ରଶାସନ ଚେଙ୍ଗ ପଛରେ ପଡ଼ିଛି କାହିଁକି । କାରଣ ଏ ଅଂଚଳର ଗରିବ ଲୋକ ପେଟ ପୋଷିବା ପାଇଁ ହାଣ୍ଡିଆ ବିକିଲେ ପୋଲିସ ଓ ଅବକାରୀ ବିଭାଗ ନିଜର ପାରିବାପଣିଆ ଦେଖାଇ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି । ହେଲେ ଏଠାରେ ଦୀର୍ଘଦିନ ଧରି ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ବେଧଡକ ଭାବେ ଦେଶୀ ସହ ବିଦେଶୀ ମଦ ଦୋକାନ ଖୋଲି ଖୋଲମ ଖୋଲା ଭାବେ ଅହେତୁକ ଦରରେ ମଦ ବିକ୍ରି ଚାଲିଛି । ମଦ ଦୋକାନ ଓ ମଦ ବିକ୍ରିକୁ ଦେଖିଲେ ମନେହୁଏ ଯେମିତି ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ସହ ବିଦେଶୀ ମଦର ଲାଇସେନ୍ସ ମିଳିଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ପୋଲିସ ଓ ଅବକାରୀ ବିଭାଗକୁ ମାସିକ ମୋଟା ଅଙ୍କର ହାତଗୁଞ୍ଜା ଦେଇ ବିକ୍ରେତା ଏକ ପ୍ରକାର ଲାଇସେନ୍ସ ପାଇଛନ୍ତି । ଯାହାକୁ ନେଇ ପ୍ରଶାସନ ବେଆଇନ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଉକ୍ତ ବିକ୍ରେତାଙ୍କୁ ସୁରକ୍ଷା ଯୋଗାଉଛି । ଅଂଚଳର ବୁଦ୍ଧିଜୀବୀ ବାରମ୍ବାର ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୋଗ କଲେ ମଧ ସବୁ ଜାଣିଶୁଣି ନଜାଣିବା ପରି ଚୁପ୍ ହୋଇ ବସିଛି ପ୍ରଶାସନ । ପ୍ରଶାସନ ଏହିଭଳି ନିରବଦ୍ରଷ୍ଟା ସାଜିବା ସହ ବିକ୍ରେତାଙ୍କୁ ସୁରକ୍ଷା ଦେବାକୁ ନେଇ ପ୍ରଶାସନ ଉପରେ ଲୋକଙ୍କ ଆସ୍ଥା ତୁଟିବାକୁ ବସିଲାଣି । ଛକ ଉପରେ ଏଭଳି ଭାବେ ବେଆଇନ ମଦ ବିକ୍ରି ହେଉଥିବାରୁ ସ୍ଥାନୀୟ ବାସିନ୍ଦା ମଦୁଆଙ୍କ ପାର୍ଦ୍ଦଭାବରେ ଅତିଷ୍ଠ ହେଲେଣି । ସାଧାରଣତଃ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏହି ଛକ ଦେଇ ଯାତାୟାତ କରୁଥିବା ବେଳେ ମଦୁଆଙ୍କ ଖରାପ ଦୃଷ୍ଟିର ଶିକାର ହେବାକୁ ପଡୁଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ଅବକାରୀ ବିଭାଗର ଜିଲ୍ଲା ଅଧିକ୍ଷକ, ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ଏହିଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରାଇବାକୁ ସ୍ଥାନୀୟ ବାସିନ୍ଦା ସହ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୨୫ ୟୁନିଟ ରକ୍ତ ସଂଗୃହୀତ

କନ୍ଧମାଳ, ୦୮/୦୫ (ନି.ପ୍ର): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳ ୯ଟା ସମୟରେ ଫୁଲବାଣୀ ନାରାୟଣୀ ରୋଡରେ ଅବସ୍ଥିତ ରୋଟାରୀ ସେବା ସଦନ ଠାରେ ଫୁଲବାଣୀ ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଭାପତି ହରିଶ୍ଚନ୍ଦ୍ର ମହାରଣା, ସମ୍ପାଦକ ମନୋରଞ୍ଜନ ପଟନାୟକ, ବରିଷ୍ଠ ରୋଟାରୀଆନ ତଥା ପ୍ରତିଷ୍ଠାତା ସଦସ୍ୟ, ବରିଷ୍ଠ ସଦସ୍ୟ ତଥା ପ୍ରତିଷ୍ଠାତା ରବି ନାରାୟଣ ସୁବୁଧି, ପଦ୍ମଚରଣ ସ୍ୱାଇଁ, ଶ୍ରୀମତୀ ବିରାଜିନୀ ମହାପାତ୍ର, ସୁନୀତି ଆଚାରି, ରୋଟାରିଆନ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ପ୍ରକାଶ ପଣ୍ଡା, ପଦ୍ମ ଚରଣ ମହାନ୍ତି, ପବନ ଅଗ୍ରୱାଲ, କୁନ୍ଦନ ସିଂ ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ରୋଟାରୀଆନ ସୁନୀଲ ପଟନାୟକ, ବିରାଜିନୀ ମହାପାତ୍ର, ପବନ ଅଗ୍ରୱାଲ, ପ୍ରକାଶ ପଣ୍ଡା, ମୁକ୍ତିକାନ୍ତ ମହାନ୍ତି, ଶରତ ଚନ୍ଦ୍ର ସୁବୁଦ୍ଧି, ଛାୟାବତୀ ମହାରଣା, କୁନା ପାତ୍ର ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବେଳେ ସଂଗୀତା କର, ସ୍ୱାଗତ ତ୍ରିପାଠୀ, ସାମ୍ବାଦିକ ତଥା ସାହିତ୍ୟିକ ଡ଼ଃ. କାହ୍ନୁ ଚରଣ ଶତପଥୀ, ସାମ୍ବାଦିକ ପ୍ରଶାନ୍ତ ବେହେରା, ଶିବରାମ ନାୟକ, କିଏନଏମ କଲେଜ ପ୍ରଶାସନିକ ଅଧିକାରୀ ସନ୍ତୋଷ ମିଶ୍ର, ପିଇଓ ମାନସ ପାଣିଗ୍ରାହୀ, କେ. ରାଧାଶ୍ୟାମ ପାତ୍ର, ଶଶୀ ଭୂଷଣ ପ୍ରଧାନ, ପ୍ରଶନ୍ନ ଦାଶ, କାହ୍ନୁ ସାହାଣୀ, ବାବୁଲା କହଁର, ଅଶୋକ ମେକାପ, କିଶୋର ସୁବୁଦ୍ଧି, ଦିବ୍ୟାନ ପାତ୍ର, ରାଜେଶ ପାତ୍ର, ଦିପ୍ତିମୟୀ ପାତ୍ର, ନୀଳ ମାଧବ ପାତ୍ର ପ୍ରମୁଖ ରକ୍ତଦାନ କରିଥିଲେ । ଅନ୍ୟ ମାନଙ୍କ ମଧରେ ଟିମ ହ୍ୟୁମାନୀଟିର ମୁଖ୍ୟ ଲୋକନାଥ ରାଜୁ, ସାମ୍ବାଦିକ ସତ୍ୟ ନାରାୟଣ ବେହେରା, ରମେଶ ପ୍ରଧାନ, ଅଶୋକ ମହାନ୍ତି, ଆଦିତ୍ୟ ତ୍ରିପାଠୀ, କାହ୍ନୁ ପଟନାୟକ, ଦିଲୀପ ମହାପାତ୍ର, କୁନ୍ଦନ ସିଂ, ସୁନୀତି ଆଚାରୀ, ବରିଷ୍ଠ ରୋଟାରୀଆନ ତଥା ପୂର୍ବତନ ସଭାପତି ଇଂ. ଜ୍ଞାନ ରଞ୍ଜନ ଦୋରା, ଡି. ଅରୁଣା, ଉର୍ମିଳା ପଣ୍ଡା, ଶିବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ । ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା. ଜୟଦୀପ କୁମାର ଘୋଷ, ଦିନକୃଷ୍ଣ ମହନ୍ତ, ଏଲ ଟି. ପ୍ରସନ କୁମାର ରନ୍ଧାଲୁ, ଜ୍ୟୋତି ରଞ୍ଜନ ପୃଷ୍ଟି, ବରୁଣ ବେହେରା ପ୍ରମୁଖ ଉପସ୍ଥିତ ରହି ନିଷ୍ଠା ଓ ଆନ୍ତରିକତାର ସହ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ । ଶିବିରରେ ମୋଟ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସୂଚନା ଯୋଗ୍ୟ ଯେ, ଏମସିଏଲ ଆର୍ଥିକ ସହାୟତାରେ ରେଡ଼କ୍ରସ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୀଘ୍ର ଓ ସୁବିଧାରେ ବିନା ମୂଲ୍ୟରେ ଗ୍ରାମାଂଚଳ ମାନଙ୍କୁ ଯାଇ ଏକା ଥରକେ ୨ ଜଣଙ୍କ ରକ୍ତ ସଂଗ୍ରହ କରିବାର ସମସ୍ତ ସୁବିଧା ଥାଇ ଏକ ବସ ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା । ନିକଟରେ ସାଂସଦ ଡ଼ଃ. ଅଚ୍ୟୁତ ସାମନ୍ତ ଏହାକୁ ଉଦଘାଟନ କରିବା ପରେ ପ୍ରଥମ କରି ରୋଟାରୀ ଅନୁକୁଲ୍ୟରେ ଏହି ରକ୍ତ ସଂଗ୍ରହ ଭ୍ୟାନ୍ ମାଧମରେ ରକ୍ତ ସଂଗୃହିତ ହୋଇଥିଲା । ଏଣୁ ଜିଲାର ରକ୍ତଦାନ ଶିବିର ଆୟୋଜନ କରୁଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦିଆଯାଇଛି ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ୍ୟୁ

ଜୟପୁର, ୦୮/୦୫ (ନି.ପ୍ର): ଅଜଣା ଗାଡି ଧକ୍କାରେ ଜଣକର ମୃତ୍ୟ ହୋଇଛି । ମୃତକ ଜଣକ ହେଉଛନ୍ତି ବୈପାରିଗୁଡା ଥାନା ଦିଗାପୁର ନୁଆଗୁଡାର ରତନ ନାୟକ (୫୦) ସୂଚନା ଅନୁଯାଇ ବୈପାରିଗୁଡା ଥାନା ଅନ୍ତର୍ଗତ ଦିଗାପୁର ନୁଆଗୁଡାର ରତନ ନାୟକ ଏକ ବାଇକ ରେ ପଛରେ ବସି ବୋରିଗୁମ୍ମା ନୁଆ ଗାଁ ଯାଇ ଫେରୁଥିଲେ । ଫେରିବା ସମୟରେ ରଣ୍ଡାପାଲି ଠାରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ରତନ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଏକ ଟିପ୍ପର ଧକ୍କା ଦେଇ ଚାଲି ଯାଇଥିବା ସମ୍ପର୍କିୟ ମାନେ କହିଛନ୍ତି । ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜୟପୁର ଜିଲା ଚିକିତ୍ସାଳୟରେ ଶବ ବ୍ୟବଛେଦ କରି ତଦନ୍ତ ଜାରି ରହିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଚାରି ଜଣ ଗଞ୍ଜେଇ ବେପାରୀଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି

ମାଲକାନଗିରି, ୦୮/୦୫ (ନି.ପ୍ର): ମାଲକାନଗିରି ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ବାରମ୍ବାର କୋର୍ଟ ନୋଟିସକୁ ଅବମାନନା କରି ଧାର୍ଯ୍ୟ ତାରିଖଗୁଡିକରେ ହାଜର ନ ହେବାରୁ କାଲିମେଲା ଓ ଚିତ୍ରକୋଣ୍ଡା ଥାନା ଅଂଚଳର ଚାରି ଗଞ୍ଜେଇ ବେପାରୀଙ୍କୁ ପଳାତକ ଘୋଷଣା କରାଯାଇଛି । ବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଚିତ୍ରକୋଣ୍ଡା ଏସଡିପିଓ ଆରସେଲ କିସପୋଟାଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ଥାନାଧିକାରୀ ମୁକୁନ୍ଦ ମେଲକାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ଚିତ୍ରକୋଣ୍ଡା ଥାନା ଅନ୍ତର୍ଭୁକ୍ତ ଆରଙ୍ଗୀ ଗ୍ରାମର ରାମଜାନ ଖାନ ଏବଂ ଗିରିଲିଗୁଡ଼ା ଗ୍ରାମର ବୁଦୁ ଖିଲଙ୍କ ଘରକୁ ଯାଇ ପଚାରି ବୁଝିବାରୁ ସେମାନେ ଘରେ ନ ଥିବା ଜଣାପଡ଼ିଥିଲା । ତେବେ ଉଭୟ ଗ୍ରାମର ଗ୍ରାମବାସୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ଦ୍ୱୟଙ୍କ ଘର କାନ୍ଥରେ ପଳାତକ ନୋଟିସ୍ ମରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପଳାତକ ଘୋଷଣା କରାଯାଇ ଜାମିନବିହୀନ ଗିରଫ ପରୱାନା (ଏନବିଡବ୍ଲୁ)ଜାରି କରାଯାଇଛି । ଆଜିଠାରୁ ଧାର୍ଯ୍ୟ ତାରିଖ ମଧ୍ୟରେ କୋର୍ଟରେ ହାଜର ନ ହେଲେ ତାଙ୍କର ଥିବା ସମସ୍ତ ସମ୍ପତିକୁ ଆଇନ ଅନୁଯାୟୀ ବାଜ୍ୟାପ୍ତି କରାଯିବ ବୋଲି ଘୋଷଣାରେ ଉଲ୍ଲେଖ କରାଯାଇଛି । ରାମଜାନଙ୍କ ନାମରେ ଏକ ଏନ୍ଡିପିଏସ୍ କେସ୍ ନମ୍ବର ୫୨/୨୧ ଏବଂ ବୁଦୁଙ୍କ ନାମରେ ୧୬/୨୦୧୬ ମାମଲା ଅନୁଯାୟୀ ଉଭୟ ଫେରାର ରହି କୋର୍ଟଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିଥିବାରୁ ବିଚାରପତି ଏହି ଘୋଷଣା କରିଛନ୍ତି । କେବଳ ଏହି ଅଭିଯୁକ୍ତମାନେ ନୁହେଁ ଚିତ୍ରକୋଣ୍ଡା ଥାନା ଅନ୍ତର୍ଭୁକ୍ତ ଥିବା ଅଂଚଳ ମଧ୍ୟରେ ରହିଥିବା ଏହିଭଳି ଏନ୍ଡିପିଏସ ତଥା ଅନ୍ୟାନ୍ୟ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତମାନଙ୍କ ନିମନ୍ତେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପଳାତକ ଘୋଷଣା କରାଯାଇ ଗିରଫ ପରୱାନା ଜାରି କରାଯିବ ବୋଲି ଚିତ୍ରକୋଣ୍ଡା ଥାନାଧିକାରୀ ମୁକୁନ୍ଦ ମେଲକା ପ୍ରକାଶ କରିଛନ୍ତି । ସେହିପରି କାଲିମେଲା ଥାନା ଅନ୍ତର୍ଗତ ଏମଭି- ୯୪ ଗ୍ରାମର ଅନୁପ ମିସ୍ତ୍ରୀ ଓ ମହାଦେବ ମଣ୍ଡଳଙ୍କ ନାମରେ କାଲିମେଲା ଥାନାରେ କେସ ନମ୍ବର ୧୫୫/୧୯ ରେ ଗଞ୍ଜେଇ ଚାଲାଣ ନେଇ ମାମଲା ହୋଇଥିଲା । ଏହି ମାମଲାରେ ଉଭୟ କୋର୍ଟ ଆଦେଶକୁ ଅବମାନନା କରି ଫେରାର ଥିବାରୁ ଦୁହିଁଙ୍କୁ ପଳାତକ ଘୋଷଣା କରାଯାଇ ଗିରଫ ପରୱାନା ଜାରୀ କରଯାଇଥିବା ଥାନା ଅଧକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି ।

## ୧୧ କେ ଭି ବିଦ୍ୟୁତ ତାରଲାଗି ଦୁଇ ଶିଶୁ ଗୁରୁତର

ବଲାଙ୍ଗିର , ୦୮/୦୫ (ନି.ପ୍ର):୧୧ କେବି ବିଦ୍ୟୁତ ତାରଲାଗି ୨ ଶିଶୁ ଗୁରୁତର । ପାଟଣାଗଡ଼ ଥାନା ଅଧିନସ୍ଥ ବିଲେଇସାଥି ଗାଁରେ ଏକ ଘଟଣା ଘଟିଜାଇଛି । ଗୁରୁତର ଅବସ୍ଥାରେ ବଲାଙ୍ଗୀର ମେଡ଼ିକାଲର ବର୍ଣ ୟୁନିଟରେ ଭର୍ତ୍ତି।୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଶିଶୁ ଗୁରୁତର ହୋଇଛନ୍ତି। ଗୁରୁତର ଶିଶୁ ଦ୍ୱୟ ହେଲେ ରାହୁଲ ସାହୁ ଓ ରାଜା ସାହୁ କ୍ଷ ଉଭୟ ଶିଶୁ ପାଣିଟାଙ୍କି ଉପରେ ଚଢି ଖେଳୁଥିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିବା ଜଣାପଡିଛି । ପରିବାରବର୍ଗ ଗୁରୁତର ଅବସ୍ଥାରେ ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡ଼ାକ୍ତରଖାନାକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଶିଶୁଦ୍ୱୟକୁ ବଲାଙ୍ଗୀର ଭୀମଭୋଇ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

# ବନାଂଚଳରେ ବର୍ଷା ଜଳକୁ ଅଟକାଇ ରଖି ବ୍ୟବହାର ପାଇଁ ବଲାଙ୍ଗିରରେ କାର୍ଯ୍ୟକ୍ରମ

ବଲାଙ୍ଗିର, ୦୮/୦୫ (ନି.ପ୍ର): ବହୁମୁଖୀ ଲାଭ ସହିତ ମୃତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ ଜଙ୍ଗଲ ଚଟାଣରେ ପ୍ରବାହିତ ଜଳ ଅମଳ କରିବା, ଜଳ ନିଷ୍କାସନ ହେତୁ ମୃତିକାର କ୍ଷୟକୁ ଯାଂଚ୍ କରିବା, ଜଙ୍ଗଲ ଅଂଚଳରେ ଜଳର ବୃଦ୍ଧି, ମୃତିକାର ଉର୍ବରତା ବୃଦ୍ଧି କରିବା, ଏହା ବ୍ୟତୀତ ସମସ୍ତ ପରିଚାଳନା, ବଲାଙ୍ଗୀର ବନ ବିଭାଗ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ସିକେରପାଟ ଆରଏଫ, ମଠଖାଇ ଆରଏଫ, ବରନେଇ ଆରଏଫ, ତିଖାରୀ ଆରଏଫ, ଚାନ୍ଦଲି ଆରଏଫ, ଗନ୍ଧମାର୍ଦ୍ଦନ ଆରଏଫ, ସୁଲିଆ ଆରଏଫ ଭଳି ୧୦୦୦ ହେକ୍ଟର ମୃତିକା ଏବଂ ଆର୍ଦ୍ରତା ସଂରକ୍ଷଣ ନେଇଛି । ପ୍ରଥମ ପର୍ଯ୍ୟାୟରେ ଏହି ଡିଭିଜନର ଆଠଟି ରେଞ୍ଜ ରେ ମୃତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଇଛି । ଏହି କୌଶଳରେ ବିଭିନ୍ନ ସଂରଚନା ଯେପରିକି ମାଟି ମାଉଣ୍ଡ ଗ୍ରେଡ୍ ବଣ୍ଡ, ୱାଟର ବଡି, ୱାୟାର୍ ମେସ୍, ଚେକ୍ ଡ୍ୟାମ୍, ଲୁଜ ବୋଡର୍ ଚେକ୍ ଡ୍ୟାମ୍, ଆରସିସି ଚେକ୍ ଡ୍ୟାମ୍ ଇତ୍ୟାଦି ପ୍ରଦାନ କରାଯାଇଛି । ଅନ୍ୟାନ୍ୟ ଲାଭ ବ୍ୟତୀତ ଜଳ ଚାପିତ ଗଭୀର ଜଙ୍ଗଲ ଅଂଚଳରେ ବନ୍ୟଜନ୍ତୁଙ୍କୁ ପାନୀୟ ଜଳ ଉତ୍ସର ଏକ ଉଦ୍ଦେଶ୍ୟ ରହିଛି । ଡ୍ରୋନ୍ ସର୍ଭେ, ଜିଆଇଏସ୍ ଏବଂ ଅନ୍ୟାନ୍ୟ ଉପଲବ୍ଧ ପ୍ରଯୁକ୍ତିବିଦ୍ୟା ସହିତ ଶ୍ରୀ ନୀତୀଶ କୁମାର, ଆଇଏଫଏସ୍, ଡିଏଫଓ, ବଲାଙ୍ଗୀରଙ୍କ ଦ୍ୱାରା ପରିଚାଳିତ ସୁ-ବିକଶିତ ମନିଟରିଂ ମେକାନିଜିମ୍ ମାଧ୍ୟମରେ କାର୍ଯ୍ୟାନ୍ୱୟନର କାର୍ଯ୍ୟକାରିତା ଉପରେ ନଜର ରଖାଯିବ । ଜିଲ୍ଲାର ଜଙ୍ଗଲ ସମ୍ପଦର ଭବିଷ୍ୟତକୁ ପ୍ରତିପାଦିତ କରି ଡିଏଫଓ, ବଲାଙ୍ଗୀର ଜୁନ୍-୨୦୨୩ ଶେଷ ସୁଦ୍ଧା ସମସ୍ତ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କ ପାଇଁ ୧୦୦ ପ୍ରତିଶତ ଯୋଜନା ସ୍ଥିର କରିଛନ୍ତି ।

## ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

ବଲାଙ୍ଗିର, ୦୮/୦୫ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପ୍ରାଙ୍ଗଣ ଠାରେ ଆଜି ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷାରେ ମୁଖ୍ୟ ଅତିଥି ଭାବରେ ଗେଲେକ୍ସି ମହାବିଦ୍ୟାଳୟର ନିର୍ଦ୍ଦେଶକ ସଚିଦାନନ୍ଦ ସାହୁ, ସମ୍ମାନିତ ଅତିଥି ମାନୁଏଲ ନାଗ, ସ୍କୁଲର ସଭାପତି ସଚିନ ବାଗ ଯାଦବ ଓ ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଂପାଦକ ହୃଦୟ ଶବର ମଂଚାସିନ ହୋଇଥିଲ । ପରୀକ୍ଷାରେ ସ୍କୁଲର ୨୬ ଜଣ କାରାଟେକା ଉତ୍ତିର୍ଣ୍ଣ ହୋଇଥିବା ବେଳେ ୟେଲୋ ବେଲ୍ଟ କ୍ରେୟାଂଶ ଲେଙ୍କା, ଅଭ୍ୟୁକ୍ତା ଆଶିଶ, ଜେସମିନ ସାହୁ, ହାର୍ଦ୍ଦିକ ବାଗ, ଅରୁଣ ମିଶ୍ର, ଲକ୍ଷ ଗୁଣ୍ଡା, ସୁପ୍ରତିକ ପଣ୍ଡା । ଓରେଞ୍ଜ ବେଲ୍ଟ ଦେବ ଆରାଧ୍ୟା ମହାନା, ଆନନ୍ଦିନୀ ସାହୁ, ଅନୁଷ୍କା ପଟ୍ଟନାୟକ, ହରସିତା ସିଂ, ରମନ କୁମାର । ଗ୍ରୀନ ବେଲ୍ଟ ସମିର ସାହୁ, ମିଥୁନ ଗହୀର, ଅଭିନୀତ ପାଣିଗ୍ରାହୀ, ଅନ୍ୱେଷା ବାଗ, ନିବେଦିତା ପଧାନ, ନିକିତା ପଧାନ, ବ୍ଲୁ ବେଲ୍ଟ ଆୟୁଶ ମେହେର, ରେଖା ମନହିରା, ପୁରୁଷୋତ୍ତମ ବାଗ, ଲୋକେଶ ବାଗ, ବ୍ରାଉନ ବେଲ୍ଟ ଆୟୁଶି ସିଂ ବାରିକ, ଆଦିତ୍ୟ ସିଂ ବାରିକ ଓ ବ୍ଲାକ ବେଲ୍ଟ ସୋଷନ ରେ ଅନୁରାଗ ଦାସ ଓ ନିଦାନରେ କ୍ରିଷ୍ଣା ନାଏକ ସଫଳତାର ସହିତ ପରୀକ୍ଷାରେ ପାସ କରିଛନ୍ତି ।

# ଶରଧାବାଲି ପ୍ରବେଶ ପଥ ମରାମତି ଦାବି

ଗଞ୍ଜାମ, ୦୮/୦୫ (ନି.ପ୍ର): ବ୍ରହ୍ମପୁର ଶରଧାବାଲି ପ୍ରବେଶ ପଥ ତଥା ମୁଖ୍ୟରାସ୍ତା ନିମ୍ନମାନର କାର୍ଯ୍ୟ ଯୋଗୁଁ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି । ଫଳରେ ଯାନବାହାନ ଚଳାଚଳ ଓ ଜନସାଧାରଣ ଯାତାୟାତ କରିବା କଷ୍ଟକର ହୋଇପଡିଛି । ଏହି ସଡ଼କକୁ ପକ୍କା ସଡ଼କରେ ରୂପାନ୍ତରିତ କରିବାକୁ ପୂର୍ବତନ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) କମିଶନର ଶୁଭଦେବା ସହ ଟେଣ୍ଡର ପ୍ରକ୍ରିୟା କରିଥିଲେ । ସେ ବଦଳି ହେବାପରେ ଏହା ସ୍ଥାଣୁ ପାଲଟି ଯାଇଛି । ତୁରନ୍ତ ବିଇଏମସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଶରଧାବାଲି ପ୍ରଥମଲାଇନ ରାସ୍ତାଟିକୁ ପକ୍କା ରାସ୍ତାରେ ପରିଣତ କରିବାକୁ ଶରଧାବାଲି ୱେଲଫେୟାର ଏସୋସିଏସନର ସମ୍ପାଦକ ସଚ୍ଚିଦାନନ୍ଦ ନାୟକ ଦାବୀ କରିଛନ୍ତି ।

# ରବିବାର ଅନ୍ନପୂର୍ଣ୍ଣା ଆହାରର ବିକଳ୍ପ ହେଉ

ବଲାଙ୍ଗିର, ୦୮/୦୫ (ନି.ପ୍ର): ପ୍ରତି ରବିବାର ଦିବା ଘ.୧୨.୩୦ମି. ସମୟରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ରୋଗୀ ଓ ସେମାନଙ୍କର ସହାୟକ ଭାବରେ ଆସିଥିବା ବ୍ୟକ୍ତି ବିଶେଷମାନଙ୍କୁ ସହଯୋଗ ଫାଉଣ୍ଡେସନ ତରଫରୁ ଅନ୍ନପୂର୍ଣ୍ଣା ମାଧମରେ ୭ ମାସ ହେଲା ଭାତ ଓ ଡାଲମା ତାହା ସହିତ ବେଳେ ବେଳେ ଅନ୍ୟାନ୍ୟ ମିଷ୍ଟାନ୍ନ ବଣ୍ଟନ କରିଆସୁଛି । ଓଡିଶା ସରକାର ରବିବାର ଦିନ ଆହାର କେନ୍ଦ୍ର ବନ୍ଦ ଥିବା ବେଳେ ସହଯୋଗ ଫାଉଣ୍ଡେସନ ତରଫରୁ ନିଆଯାଇଥିବା ରବିବାର ଦିନ ଅନ୍ନପୂର୍ଣ୍ଣା ଯୋଜନା ମାଗଣାରେ ଖାଇବାକୁ ଯୋଗାଉଛି । ସେଥି ପାଇଁ ସହଯୋଗ ଫାଉଣ୍ଡେସନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ରବିବାର ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଆହାରର ବିକଳ୍ପ ହେଉ ବୋଲି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ନନ୍ଦିଘୋଷ ଟିଭିର ବ୍ୟୁରୋ ମୁଖ୍ୟ ଦିପକ ପୁରୋହିତ ଓ ଶିବା ଆର୍ଟର ମାଲିକ ଶିବ ଶଙ୍କର ମେହେର ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଆପ କା ସ୍ୱାସ୍ଥ୍ୟ ଆପକା ସାଥ ଅତିଥିଗଣ ଦ୍ୱାରା ଉନ୍ମୋଚନ ହୋଇଥିଲା । ଯାହା ସହଯୋଗ ଫାଉଣ୍ଡେସନ ତରଫରୁ ଆସନ୍ତା ଶନିବାର ଦିନ ଠାରୁ ବଲାଙ୍ଗିର ବିଭୁତିପଡା ସ୍ଥିତ ପାର୍କରେ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଜାରି ରହିବ । କାର୍ଯ୍ୟକ୍ରମରେ ସହଯୋଗ ଫାଉଣ୍ଡେସନର ସଭ୍ୟ ତଥା ମୋଟିଭେଟର ଆର୍ତ୍ତତ୍ରାଣ ପାଢୀ, ଆପ କା ସ୍ୱାସ୍ଥ୍ୟ ଆପକା ସାଥ ବିଷୟରେ ବିଷଦ ଭାବରେ ଅବଗତ କରାଇଥିଲେ । ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମକୁ ଆଜି ପାଇଁ ସହଯୋଗର ହାତ ବଢାଇଥିଲେ ଟିଟିଲାଗଡର ସମାଜସେବୀ ଅମର ଜୈନ । କାର୍ଯ୍ୟକ୍ରମରେ ପିଙ୍କି ମୋଦୀ, ପ୍ରତ୍ୟୁଷ ପୁରୋହିତ, ପ୍ରଭାତ ଶ୍ରୀବାସ୍ତବ, ରାମ ଅବତାର ଅଗ୍ରୱାଲା, ସନ୍ତୋଷ ଲାଲା, ପୂଜା ଲାଲ, ତୁଫାନ ପାତ୍ର, ସୁଦିପ୍ତ ତ୍ରିପାଠି, ଦିପକ ଜୈନ, ଅନିଲ ମୋଦୀ, ଶଙ୍କର ଦିପ, ଅଚ୍ୟୁତ ସାହୁ, ରାମ ନାରାୟଣ ଦାଶ, ପବନ ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଡ. ପଂଚାନନ ପ୍ରଧାନ ପରିଚାଳନା କରିଥିଲେ ।

# ଗୋପାଳନ କରି ସ୍ୱାବଲମ୍ବୀ ହେବା ପାଇଁ କର୍ମଶାଳା

କୋରେଇ, ୦୮/୦୫ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ଅନୁଷ୍ଠାନ କୃପାଳୁ ଚ୍ୟାରିଟ ପକ୍ଷରୁ ଗୋପାଳନ କରି ସ୍ୱାବଲମ୍ବୀ ହେବା ନେଇ ଏକ କର୍ମଶାାଳା ଆଜି ଅପରାହ୍ନରେ ପଥରପଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଗୋପାଳ କ୍ଷେତ୍ରରେ ଥିବା ରାଜ୍ୟ ସରକାରଙ୍କ ଅଭିମୁଖ୍ୟ, ସରକାରୀ ସୁବିଧା, ଋଣ, ସବସିଡ, ବୀମା ଓ ଚିକିତ୍ସା ସୁବିଧା ଆଦି ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା । କୃପାଳୁ ଚ୍ୟାରିଟର ଅଧ୍ୟକ୍ଷ ଅନିରୁଦ୍ଧ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳା ବା ସଚେତନତା ଶିବିରରେ କୃଷିବିତ୍ ଲକ୍ଷ୍ମୀଧର ସାହୁ,କୋରାଇ ଭିଭିଓ ବିକାଶ କୁମାର ଜେନା, କୃଷକ ନେତା ବଳରାମ ସାହୁ ପ୍ରମୁଖ ଯୋଗଦେଇଥିଲେ । ଗୋପାଳନ କରିବା ସହ ଗାଇ ଏକ ତୃଣ ଭୋଜୀ ପ୍ରାଣୀ ହୋଇଥିବାରୁ ସେମାନଙ୍କ ଖାଦ୍ୟ ପାଇଁ କିପରି ଘାସ ଚାଷ କରାଯାଇ ଉନ୍ନତ ମାନର କ୍ଷୀର ପ୍ରସ୍ତୁତ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ୨୦ଟି ଗାଇ ରଖି ଚାଷ କରିବା ପାଇଁ ୨୦ ଲକ୍ଷଟଙ୍କା ଋଣ ଯୋଗାଇ ଦିଆଯିବା ସହ ୧୦ ଲକ୍ଷଟଙ୍କାର ସବସିଡ ଉପଲବ୍ଧ ହେବ । ଏଥି ସହିତ ଚାଷୀ ମାନଙ୍କ ଠାରୁ ଦୁଗ୍ଧ, ଗୋବର ଆଦି କ୍ରୟ କରାଯିବା ସହ ଘାଷ ଚାଷ ପାଇଁ ବିହନ ମଧ୍ୟ କୃପାଳୁ ଚ୍ୟାରିଟ ପକ୍ଷରୁ ଯୋଗାଇ ଦିଆଯିବାର ପ୍ରତିଶୃତି ଦିଆଯାଇଥିଲା । ଯେଉଁମାନେ ଗୋପାଳନ କରି ସ୍ୱାବଲମ୍ବୀ ହେବେ ସେମାନେ ବ୍ୟାଙ୍କକୁ ଋଣ ପାଇଁ ଦୌଡିବେ ନାହିଁ ସେମାନଙ୍କୁ ବ୍ୟାଙ୍କିଙ୍ଗ ସେବା ମଧ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା । ଯେଉଁମାନେ ଏହି ସ୍କିମ କରିବାକୁ ଆଗ୍ରହୀ ସେମାନଙ୍କ ନିକଟରେ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇବା ସହ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରିବା ଚ୍ୟାରିଟର ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ଶ୍ରୀ ଦାଶ ସୂଚନା ଦେଇଥିଲେ । ଯେଉଁମାନେ ଗୋପାଳନ କରି ସ୍ୱାବଲମ୍ବୀ ହୋଇଛନ୍ତି ବା ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି ସେହି ଚାଷୀ ମାନେ ସେମାନଙ୍କ ଅନୁଭୂତି ବଖାଣି ଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀ ବିଶ୍ୱନାଥ ପାତ୍ର, ଶ୍ୟାମ ସୁନ୍ଦର ବାରିକ, ବିଷ୍ଣୁ ମୋହନ ବାରିକ, ଶ୍ରୀନିବାସ ବେହେରା, ବାବନ ସାହୁ, ନଟବର ମହାକୁଡଙ୍କ ସମତେ ୫୦ରୁ ଉର୍ଦ୍ଧ ଚାଷୀ ଯୋଗଦେଇଥିବା ବେଳେ, ପ୍ରକାଶ ସାହୁ, ମନୋଜ ପଣ୍ଡା, ନୀଳମଣି ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ଓବିସି ମୋର୍ଚ୍ଚାର ବୈଠକ

କେନ୍ଦ୍ରାପଡ଼ା, ୦୮/୦୫ (ନି.ପ୍ର): କେନ୍ଦ୍ରାପଡା ଓବିସି ମୋର୍ଚ୍ଚାର ଏକ ବୈଠକ ଇଛାପୁର ସ୍ଥିତ ଯାତ୍ରୀ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓବିସି ମୋର୍ଚ୍ଚାର ସଂଯୋଜକ ତଥା ପୂର୍ବତନ ରାଜ୍ୟସଭା ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଓବିସି ମୋର୍ଚ୍ଚାର ସଭାପତି ଶଙ୍କର କୁମାର ପାତ୍ର ମୁଖ୍ୟ ଅତିଥି, ରାଜ୍ୟ ସଂଯୋଜକ ସମରିଜିତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ ସରକାରଙ୍କ ଦ୍ୱାରା ଚାଲୁଥିବା ପଛୁଆ ବର୍ଗ ସର୍ଭେ ସଂପର୍କରେ ବିଷଦ ଭାବେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ଥିଲା । ଉକ୍ତ ବୈଠକରେ ପଛୁଆ ବର୍ଗ ଯଥାକ୍ରମେ-ଚଷା, କୁମ୍ଭାର, ବଣିଆ, ଗୁଡିଆ, ଯାଦବ ସମାଜର ମୁରବୀ ମାନେ ଆଲୋଚନା ରେ ଅଂଶ ଗ୍ରହଣ କରି ସର୍ଭେ କିପରି ଭାବରେ ସଫଳ ହୋଇପାରିବ ସେନେଇ ଆଲୋଚା କରିଥିଲେ । ବର୍ତମାନ ସମୟରେ ଓବିସି ମାନେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସେମାନଙ୍କର ଲୋକସଂଖ୍ୟା ଅନୁସାରେ ୫୨ ପ୍ରତିଶତ ସଂରକ୍ଷଣ ପାଇବାକୁ ଦାବି କରିଥିଲେ । ଏହି ବୈଠକରେ ଶଙ୍କର କୁମାର ପାତ୍ରଙ୍କ ଲିଖିତ ପୁସ୍ତକ ଓବିସି ଦଶା ଓ ଦିଶା ଉନ୍ମୋଚିତ କରାଯାଇ ଥିଲା । ଆୟୋଜିତ ଏହି ବୈଠକରେ ଯାଦବ ମହାସଭା ସଭାପତ ଧିରେନ୍ ପୃଷ୍ଟି, ଅଧାପକ ଅଜୟ ସାମଲ, ଯାଜପୁର ଜିଲ୍ଲା ଓବିସି ମୋର୍ଚ୍ଚାର ସଂଯୋଜକ ମୁକୁନ୍ଦ ଦାସ, ଜିଲ୍ଲା ଯାଦବ ମହାସଭା ର ସାଧାରଣ ସଂପାଦକ ଚିନ୍ମୟ ଦାସ, ଫକିର ଚରଣ ଖଟୁଆ, ଜଗନ୍ନାଥ ବାରିକ, ଅଜୟ ଦାସ, ସନ୍ତୋଷ ବେହେରା, ସୁଶାନ୍ତ କୁମାର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ମାନବ ସେବା ହିଁ ରେଡ଼କ୍ରସ୍‌ର ମୂଳମନ୍ତ୍ର: ଜିଲ୍ଲାପାଳ

## ଜିଲ୍ଲାସ୍ତରୀୟ ରେଡ଼କ୍ରସ୍ ଦିବସ ପାଳିତ : ଉଲ୍ଲେଖନୀୟ ପାଣ୍ଠି ସଂଗ୍ରହ ପାଇଁ ୫ ଅଧିକାରୀ ପୁରସ୍କୃତ



ଭଦ୍ରକ, ୦୮/୦୫ (ନି.ପ୍ର): ରେଡ଼କ୍ରସ୍‌ର ଜନକ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସକୁ ସ୍ମରଣ କରିବା ଓ ରେଡ଼କ୍ରସ୍ ଆନ୍ଦୋଳନରେ ମାନବୀୟ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ୧୯୩୪ ରୁ ମଇ ୮ ତାରିଖ କୁ ପ୍ରତିବର୍ଷ ରେଡ଼କ୍ରସ୍ ଦିବସ ଭାବେ ପାଳନ କରାଯାଇ ଆସୁଥିବା ଆଧାରରେ ଆଜି ଭଦ୍ରକ ଜିଲ୍ଲାସ୍ତରୀୟ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ରେଡ଼କ୍ରସ ଶାଖାର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କାର୍ଯ୍ୟାଳୟ ପରିସରରେ ରେଡ଼କ୍ରସ ପତାକା ଉତ୍ତୋଳନ କରିବା ସହିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଉତ୍ସବ ପାଳନରେ ଯୋଗ ଦେଇଥିଲେ । ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରେଡ଼କ୍ରସ ଦିବସ ପାଳନ ଓ ରେଡ଼କ୍ରସ୍ ସଂଗଠନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ପ୍ରତିବର୍ଷ ଏହି ଦିବସ ପାଇଁ ରଖାଯାଉଥିବା ସ୍ୱତନ୍ତ୍ର ଥିମ୍ ପରି ଚଳିତ ବର୍ଷ ପାଇଁ ରଖାଯାଇଥିବା ଥିମ୍ "ପ୍ରତିଟି କାର୍ଯ୍ୟ ଯାହା ଆମେ କରୁ ତାହା ହୃଦୟରୁ କରିଥାଉ" ବିଷୟ ଆଧାରରେ ଜିଲ୍ଲାପାଳ ମାନବ ସେବା ଦିଗରେ ରେଡ଼କ୍ରସ୍ ର ବୃହତ୍ତର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଦୁଃଖୀ, ଦରିଦ୍ର, ନିଃସହାୟଙ୍କ ସହ ବନ୍ୟା, ଦୁର୍ଭିକ୍ଷ, ବାତ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ଦୈବୀ ଦୁର୍ବିପାକ ସମୟରେ ରେଡ଼କ୍ରସ୍‌ର ସହାୟତା କିପରି ଅମୃତ ଭଳି କାମ କରେ ତାହା ବୁଝାଇଥିଲେ । ସୂଚନାଯୋଗ୍ୟ କି ୨୦୨୨-୨୩ ବର୍ଷରେ ୩୧-୩-୨୩ ସୁଦ୍ଧା ବିଭିନ୍ନ ଉତ୍ସରୁ ଜିଲ୍ଲା ରେଡ଼କ୍ରସ୍ ର ସମୁଦାୟ ଆୟ ୬୬,୪୨,୩୩୮ଟଙ୍କା ଏବଂ ବ୍ୟୟ ୨୧, ୪୩, ୬୧୦ଟଙ୍କା । ଉକ୍ତ ତାରିଖ ସୁଦ୍ଧା ଶାଖାର ସମୁଦାୟ ଅର୍ଥ ଟ. ୨,୮୫,୧୩,୪୧୮.୬୪ ପ. । ଉକ୍ତ ବର୍ଷ ମଧ୍ୟରେ ଗରିବ ଓ ନିହାତି ଆବଶ୍ୟକ କରୁଥିବା ୨୩୨ ଜଣ ରୋଗୀଙ୍କୁ ଚିକିତ୍ସା ସହାୟତା ବାବଦ ୧୬, ୬୬, ୫୨୦ଟଙ୍କା ବ୍ୟୟ କରାଯାଇଥିଲା ବେଳେ ମହାପ୍ରୟାଣ ଯାନ ମରାମତି, ରେଡ଼କ୍ରସ ପାଇଁ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ଦରମା ଓ ଅନ୍ୟ ବାବଦ ବ୍ୟୟ କରାଯାଇଥିବା ପ୍ରକାଶ କରାଯାଇଥିଲା । ପ୍ରକାଶ ଥାଉକି ରେଡ଼କ୍ରସ୍ ପାଇଁ ପାଣ୍ଠି ସଂଗ୍ରହ ଦିଗରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ପାଣ୍ଠି ସଂଗ୍ରହ କରିଥିବା ଆଧାରରେ ୫ଜଣ ଅଧୀକାରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ଡେ଼ପୁଟୀ କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସବ୍‌ରେଜିଷ୍ଟ୍ରାର କସ୍ତୁରୀବାଳା ଜେନା, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ଓ ତହସିଲଦାର ଭଣ୍ଡାରିପୋଖରୀ ସରୋଜ କୁମାର ନାୟକ, ବିଶେଷ କରି ଏ.ଡ଼ି.ଏମ୍, ଜୁଡ଼ିସିଆଲ ପାଇଁ ୧୦ ଲକ୍ଷ ଧାର୍ଯ୍ୟ ଥିବା ସ୍ଥଳେ ସଂଗ୍ରହ କରାଯାଇଛି ୩୮,୬୦,୫୦୦/-। ଜିଲ୍ଲା ସବ୍‌ରେଜିଷ୍ଟର ପାଇଁ ୪ ଲକ୍ଷ ଥିବା ସ୍ଥଳେ ଆଦାୟ କରାଯାଇଛି ୬ ଲକ୍ଷ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କ ପାଇଁ ୫୦ ହଜାର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ୧,୬୨,୫୦୦ ଏବଂ ତହସିଲଦାର ଭଣ୍ଡାରିପୋଖରୀ ପାଇଁ ୭୦,୦୦୦ ଟଙ୍କା ଥିବା ସ୍ଥଳେ ୧,୦୬,୫୦୦ଟଙ୍କା ରେଡ଼କ୍ରସ୍ ପାଇଁ ସଂଗ୍ରହ କରାଯାଇ ପାରିଛି । ଜିଲ୍ଲା ରେଡ଼କ୍ରସ୍ ଶାଖାର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ରେଡ଼କ୍ରସ୍ ଦ୍ୱାରା ନିଆଯିବାକୁ ଥିବା ନୂତନ କାର୍ଯ୍ୟକ୍ରମ ବିଷୟରେ ପ୍ରକାଶ କରିଥିଲେ । ରୋଗୀ ସେବା ପାଇଁ ଆମ୍ବୁଲାନସ୍ କ୍ରୟ କରାଯିବା, ବଳକା ଖାଦ୍ୟ ସଂଗ୍ରହ କରି ଗରିବ ଲୋକଙ୍କୁ ପ୍ରଦାନ ପାଇଁ ଫ୍ରିଜର୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଥିବା ନେଇ ସେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ରେଡ଼କ୍ରସ୍ ଭବନ ନିର୍ମାଣ ପାଇଁ ଉପସ୍ଥିତ ରେଡ଼କ୍ରସ୍ ଶାଖାର ଆଜୀବନ ସଦସ୍ୟମାନଙ୍କ ପ୍ରଦତ୍ତ ପ୍ରସ୍ତାବ ପ୍ରତି ସମ୍ମତି ପ୍ରଦାନ ପୂର୍ବକ ପରବର୍ତ୍ତୀ ପର୍ଯ୍ୟାୟରେ ସେ ନେଇ ଆଲୋଚନା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲା ରେଡ଼କ୍ରସ୍ ଶାଖାର ସମ୍ପାଦକ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲ୍ଲିଙ୍କ ସଂଯୋଜନା ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯୁଗ୍ମ ସମ୍ପାଦକ ବିଶ୍ୱଜିତା ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନ ନେଇ ଆନୁସଂଗିକ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସୂତାର, ରାଧାରାଣୀ ମହାପାତ୍ର, ବାଦଲ କିଶୋର ମହାପାତ୍ର, ଜିଲ୍ଲା ୟୁଥ୍ ରେଡ଼କ୍ରସର କର୍ମକର୍ତ୍ତା ପ୍ରମୁଖଙ୍କ ସହ ଅନ୍ୟ ଆଜୀବନ ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ରକ୍ତ ଦାନ ଶିବିରରେ ୧୨ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଡ଼ା ବିମଳା ମିଶ୍ରଙ୍କ ତ୍ତ୍ୱବଧାନରେ ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ସରିଲା ପ୍ରଚାର...

ଷ୍ଟାର ପ୍ରଚାରକ ତଥା ରାଜନୈତିକ ବ୍ୟକ୍ତିଙ୍କୁ ପ୍ରଚାର ଲାଗି ବାରଣ କରାଯାଇଛି। ବହୁମାତ୍ରାରେ ମତଦାନ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ସିଇଓ ସୂଚନା ଦେଇ କହିଛନ୍ତି ମୋଟ ୨୫୩ ବୁଥ୍ ରେ ୨ ଲକ୍ଷ ୨୧ ହଜାର ୭୧୯ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୧୦ ହଜାର ୬୧୯ ଜଣ ପୁରୁଷ, ୧ ଲକ୍ଷ ୧୧ ହଜାର ୩୭ ଜଣ ମହିଳା , ୬୩ ଜଣ ତୃତୀୟ ଲିଙ୍ଗ , ୨୪୯ ଜଣ ସର୍ଭିସ୍ ଓ ୨୫୩୪ ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ୧୨ ପ୍ରକାର ପରିଚୟପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦେଖାଇ ଭୋଟର ଭୋଟ୍ ଦେଇପାରିବେ। ସେ କହିଛନ୍ତି ୨୫୩ରୁ ୧୪୪ ବୁଥରେ ସେଂଟ୍ରାଲ ଟିମ ନିୟୋଜିତ କରାଯାଇଛି। ୨୬ଟି ପିଙ୍କ୍ ବୁଥ କରାଯାଇଛି। ସେହିପରି ୪୦ଟି ଆଦର୍ଶ ବୁଥ୍ ରହିଛି। ୧୧୬ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ୧୦୧୨ ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅତିରିକ୍ତ ୯୬ ଜଣ ପୋଲିଂ କର୍ମଚାରୀଙ୍କୁ ରିଜର୍ଭ ରଖାଯାଇଛି। ଉପନିର୍ବାଚନରେ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିସହ ସମସ୍ତ ବୁଥରେ ୱେବ କାଷ୍ଟିଙ୍ଗ ହେବ। ପିଡବ୍ଲ୍ୟୁଡି ଭୋଟରଙ୍କ ପାଇଁ ୧୧୮ଟି ଅଟୋ ରିକ୍ସା ବ୍ୟବସ୍ଥା ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇଛି। ଏଥିମଧ୍ୟରୁ ୬୯ ବୁଥରେ ମାଇକ୍ରୋ ଅବଜରଭର ରଖାଯାଇଛି। ୧୭୧ଟି ଲାଇସେନ୍ସ ବନ୍ଧୁକ ଫେରାଇ ଅଣାଯିବା ସହ ୧୧୨ଟି ଏନ୍‌ବିଡବ୍ଲୁ କାର୍ଯ୍ୟକାରୀ କରାଯାଇଛି। ତେବେ ଏପର୍ଯ୍ୟନ୍ତ ୧୩ ଲକ୍ଷ ୨୪ ହଜାର ଟଙ୍କାର ବିଭିନ୍ନ ଜିନିଷ ଜବତ କରାଯାଇଛି। ବର୍ତମାନ ସୁଦ୍ଧା ୧୨ଟି ଅଭିଯୋଗ ଆସିଥିବା ବେଳେ ୯ଟି ମଡେଲ କୋଡ ଅଫ୍ କଣ୍ଡକ୍ଟ ଅଭିଯୋଗ ଆସିଛି । ସେଥିପ୍ରତି ଧ୍ୟାନ ଦିଆଯାଇଛି। ସେପଟେ ନିର୍ବାଚନ ପାଇଁ ଭୋଟରଙ୍କୁ ସବୈତନ ଛୁଟି ଦେବାକୁ କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ।

## ଛାତ ଉପରେ...

ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନି। ବିମାନଟିରେ ଯାନ୍ତ୍ରୀକ ତ୍ରୁଟି ଦେଖାଯିବା କ୍ଷଣି ପାଇଲଟ ତାହାକୁ ଗାଁଠୁ ଦୂରକୁ ନେବାକୁ ଯଥାସମ୍ଭବ ଉଦ୍ୟମ କରିଥିଲେ। ମାତ୍ର ଗାଁ ଅତିକ୍ରମ କରୁ କରୁ ବିମାନଟି ଜଣେ ବ୍ୟକ୍ତିଙ୍କ ଛାତ ଉପରେ ଖସି ପଡ଼ିଥିଲା । ଏହା ପୂର୍ବରୁ ପାଇଲଟ ପାରାଶୁଟ ସାହାଯ୍ୟରେ ତଳକୁ ଖସି ପଡ଼ିଥିଲେ ବୋଲି ବାୟୁସେନା ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ଶରୀର ବିଭିନ୍ନ ସ୍ଥାନରେ ଆଘାତପ୍ରାପ୍ତ ହୋଇଥିବା ବେଳେ ତାଙ୍କୁ ଆଣିବାକୁ ବାୟୁସେନାର ଆଉ ଏକ ଏମଆଇ-୧୭ ବିମାନ ଘଟଣାସ୍ଥଳ ଅଭିମୁଖେ ଯାଇଥିବା ଜଣାଯାଇଛି। ତେବେ କେଉଁ କାରଣ ପାଇଁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ତାହା ଜଣାପଡ଼ିନି। ଏଥିନିମନ୍ତେ ଏକ କମିଟି ଗଠିତ ହୋଇଥିବା ବାୟୁସେନା ଅଧିକାରୀ ସୂଚନାର ଦେଇଛନ୍ତି। ତଥା ବାୟୁସେନା ଗାଇଡଲାଇନ୍ ଅନୁଯାୟୀ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି।

# ନାଚ୍ ଏକାଡେମୀର ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୦୮/୦୫ (ନି.ପ୍ର): ଶିଶୁ ଓ କିଶୋର ମାନଙ୍କ ପ୍ରତିଭାର ବିକାଶ ପାଇଁ ବାଲେଶ୍ୱର ର ଅଗ୍ରଣୀ ନୃତ୍ୟ , ସଙ୍ଗୀତ, ଚିତ୍ରକଳା ପ୍ରଶିକ୍ଷଣ କେନ୍ଦ୍ର ନାଚ୍ ଏକାଡେମୀ ଅଫ ଆର୍ଟ କଲ୍ଚର ଏଣ୍ଡ ହେରିଟେଜ୍ ସହଦେବଖୁଣ୍ଟା ଆନୁକୂଲ୍ୟରେ ପନ୍ଦର ଦିନିଆ ସମର କ୍ୟାମ୍ପ ର ଆୟୋଜନ କରାଯାଇଛି। ଏହି କ୍ୟାମ୍ପ ୨୦୧୬ ରୁ ପ୍ରତିବର୍ଷ ଦୁଇଥର ଆୟୋଜନ କରାଯାଇଥାଏ। ଉଦ୍ଘାଟନୀ ସଭାରେ ପ୍ରତିଭାଶ୍ରୀ ମୁଖ୍ୟ ତଥା କବି ପ୍ରଶାନ୍ତ ଦାସ, ଚନ୍ଦ୍ରଭାଗାର ପ୍ରତିଷ୍ଠାତା ତଥା ନାଚ୍ ର ଉପଦେଷ୍ଟା କବି ଶ୍ରୀଦେବ୍, ସମାଜ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଶଶିରଞ୍ଜନ ମଲ୍ଲିକ, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ରତିକାନ୍ତ ପାତ୍ର, ନାଚ ର ପ୍ରତିଷ୍ଠାତା ସ୍ରଷ୍ଟା ତଥା ହିନ୍ଦୁଜା ଲେୟଲଣ୍ଡ ଫାଇନାନସ ର ଭୁବନେଶ୍ୱର ଶାଖା ପରିଚାଳକ ଅରୁନାଂଶୁ ପାଣିଗ୍ରାହୀ, ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା ନାଚ ର ନିର୍ଦ୍ଦେଶିକା ରୋନାଲିସ ପଣ୍ଡା, ନୃତ୍ୟଗୁରୁ ସେକ ରାଜା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ପିଲାମାନଙ୍କୁ ଯୋଗ, ନୃତ୍ୟ, ସଂଗୀତ, ଚିତ୍ର, କ୍ରାଫ୍ଟ, ଗ୍ଲାସ ପେଣ୍ଟିଂ,ଗଳ୍ପ କଥନ, ଖେଳରେ ଖେଳରେ ନୀତି ଶିକ୍ଷା, ସାଧାରଣ ଜ୍ଞାନ ଖେଳ , କାର୍ଡ ତିଆରି, ରାମ୍ପ ୱାକ୍, ସେଲ୍ଫ ଇନଟ୍ରଡକ୍ସନ, ଇତ୍ୟାଦି ଶିକ୍ଷା ପ୍ରଦାନ କରାଯିବ। ଏହି କ୍ୟାମ୍ପ ରେ ସହରର ବିଭିନ୍ନ ସ୍କୁଲ ର ୪୦ ରୁ ଉର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଛନ୍ତି ।

# ବାମପଦା ରେଳ ଧାରଣା ପାର୍ଶ୍ୱ ସମ୍ପୂର୍ଣ୍ଣ ଆବଦ୍ଧକୁ ବିରୋଧ

## ୨ଶହ ପରିବାରଙ୍କ ଯାତାୟତ ପାଇଁ ରାସ୍ତା ବ୍ୟବସ୍ଥା ଦାବି



ବାଲେଶ୍ୱର, ୦୮/୦୫ (ନି.ପ୍ର): ବାମପଦା ନିକଟ ରେଳ ଧାରଣା ପାର୍ଶ୍ୱ କଣ୍ଟେନର ଷ୍ଟକ ପଏଣ୍ଟକୁ ସମ୍ପୂର୍ଣ୍ଣ ଆବଦ୍ଧ ପାଇଁ ରେଳ କର୍ତ୍ତୃପକ୍ଷଙ୍କ ଉଦ୍ୟମକୁ ନେଇ ପ୍ରତିବାଦ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ବାମପଦା-ନୀଳଗିରି ରେଳଲାଇନ ପାର୍ଶ୍ୱ କଣ୍ଟେନର ଷ୍ଟକ ପଏଣ୍ଟର ପଛପାଖରେ ବସବାସ କରୁଥିବା ପରିବାରମାନେ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସରସ୍ୱତୀପୁର ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଲୋକେ ଜିଲାପାଳଙ୍କୁ ସାକ୍ଷାତ ସହ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାସ୍ତା ବନ୍ଦ ଉଦ୍ୟମ ଯୋଗୁଁ ସେମାନେ ସାମ୍ନା କରୁଥିବା ସମସ୍ୟା ସମ୍ପର୍କରେ କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ରେମୁଣା ବ୍ଲକ ଛଣପୁର ମୌଜାରେ ବସବାସ କରୁଥିବା ୨ ଶହରୁ ଅଧିକ ପରିବାର ଦୀର୍ଘଦିନ ଧରି ପୂର୍ବରୁ କଣ୍ଟେନର ଷ୍ଟକ ପଏଣ୍ଟ ସୀମା ଶେଷରେ ଥିବା ଖାଲି ସ୍ଥାନଦେଇ ବିରଳା ଟାୟାର୍ସ ପାର୍ଶ୍ୱ ରାସ୍ତାକୁ ବାହାରୁ ଥିଲେ। ମାତ୍ର ଏବେ ରେଳ କର୍ତ୍ତୃପକ୍ଷ ତାହାକୁ ବନ୍ଦ କରିଦେବା ଫଳରେ ସ୍ଥାନୀୟ ଲୋକେ ଯାତାୟତରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସେମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ତେବେ କଣ୍ଟେନର ଷ୍ଟକ ପଏଣ୍ଟ ପାର୍ଶ୍ୱରେ ଥିବା ଦୀର୍ଘ ଖାଲି ସ୍ଥାନରେ ଏକ ରାସ୍ତା ନିର୍ମାଣ ସହ ଏହାକୁ କୁଷ୍ଠାଶ୍ରମ ରାସ୍ତାକୁ ସଂଯୋଗ କରାଗଲେ ସେମାନେ ସିଧାସଳଖ ଜାତୀୟ ରାଜପଥକୁ ବାହାରି ପାରିବେ ବୋଲି ଗ୍ରାମବାସୀମାନେ କହିଛନ୍ତି। ରେଳ ବିଭାଗ ପୂର୍ବଭଳି ସେମାନଙ୍କ ପାଇଁ ଯାତାୟତର ସୁବିଧା କରନ୍ତୁ ନତୁବା ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥକୁ ବାହାରିବା ନିମନ୍ତେ ଉଚିତ ବ୍ୟବସ୍ଥା କରନ୍ତୁ ବୋଲି ସରପଞ୍ଚ ଶ୍ରୀ ସ୍ୱାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି। ନହେଲେ ଆଗାମୀ ଦିନରେ ଲୋକେ ନାହିଁ ନଥିବା ସମସ୍ୟା ଭୋଗିବେ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ଶ୍ରୀ ସ୍ୱାଇଁଙ୍କ ସମେତ ଜୟନ୍ତ ସିଂ, ସୁମତି ସିଂ, ମମତାମୟୀ ସିଂ, ତୃପ୍ତିଲତା ସିଂ, ଶଙ୍କର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ନୂଆବସ୍ତ୍ର-ପାଠ୍ୟ ଉପକରଣ ବଣ୍ଟନ

ବାଲେଶ୍ୱର, ୦୮/୦୫ (ନି.ପ୍ର): ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରମେଶ ଗୁପ୍ତା ଫାଉଣ୍ଡେସନ ପକ୍ଷରୁ ବାମପଦା କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଦରିଦ୍ର ନାରାୟଣ ସେବା ପ୍ରଦାନ କରାଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ରମେଶ କୁମାର ଗୁପ୍ତା, ଭାଇସଚେୟାରମ୍ୟାନ ସଙ୍ଗୀତା ଗୁପ୍ତା, ସମ୍ପାଦକ ଅଶ୍ୱନୀ କୁମାର ଗୁପ୍ତା ପ୍ରମୁଖ କୁଷ୍ଠାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କୁ ନୂଆବସ୍ତ୍ର ଓ ସେମାନଙ୍କ ପିଲାଙ୍କୁ ପାଠ୍ୟ ଉପକରଣ ଆଦି ପ୍ରଦାନ କରିଥିଲେ। ପରେ ସମସ୍ତଙ୍କୁ ସୁଷମ ଖାଦ୍ୟ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନ ପକ୍ଷରୁ ସଞ୍ଚିତ ଅର୍ଥରେ ଗରିବ ଅସହାୟ ଲୋକଙ୍କୁ ନିୟମିତ ସେବା ପ୍ରଦାନ କରାଯାଉଛି ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଶ୍ରୀ କୁପ୍ତା ସୂଚନା ଦେଇଛନ୍ତି।

# ବରିଷ୍ଠ ନାଗରିକ ପାଇଁ ଥାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ: ବରିଷ୍ଠ ନାଗରିକ ସଙ୍ଘ

ଖୋର୍ଦ୍ଧା, ୦୮/୦୫ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ଖୋର୍ଦ୍ଧାର ବରିଷ୍ଟ ନାଗରିକଙ୍କ ପାଇଁ ଅନ୍ୟ ଜିଲ୍ଲା ଯଥା ପୁରୀ ଓ ଭୁବନେଶ୍ୱର କମିସନରରେଟ ପୋଲିସ୍ ଭଳି ଖୋରଧା ପୌରପରିଷଦ ଭିତରେ ପରୀକ୍ଷା ମୂଳକ ଭାବେ ହେଉ। ଆଜି କାଲି ବରିଷ୍ଟ ନାଗରିକ ପିଲା ଚାକିରୀ ଦେଶ ବାହାରେ, ଦେଶ ଭିତରେ, ଅନ୍ୟ ପ୍ରଦେଶ ଓ ଜିଲ୍ଲା ଦୁରାନ୍ତରେ ରହନ୍ତି। ତାଙ୍କୁ ସାହାଯ୍ୟ କରିବା ପାଇଁ କେହି ନାହାନ୍ତି। ଆଉ କିଛି ନିଜ ପୁଅ, ବୋହୂ ଓ ପଡୋଶୀ ଦ୍ୱାରା ନିର୍ଯାତିତ ହୁଅନ୍ତି। ଏକା ବୃଦ୍ଧ ଓ ବୃଦ୍ଧା ଥିଲା ବେଳେ କିଛି ଚୋରୀ, ମାଡ଼ ଗାଳିର ଶିକାରହୁଅନ୍ତି। ଏପରି ଘଟିଛି ଯାହା ଚାକ୍ଷୁଷ ପ୍ରମାଣ ଅଛି। ମରିଗଲା ପରେ ସାହାଯ୍ୟ ହାତ ନିଜ ଲୋକ ଶବ ଶତକାର ପାଇଁ କେହି ନ ଥାନ୍ତି। ଦେହ ଖରାପ ହେଲେ ଡାକ୍ତରଖାନା , ନେବା ଓ ଔଷଧ କିଣିବା ଅସମ୍ଭବ ହୋଇ ପଡେ। କର୍ମ ଆଦରି ପଡ଼ି ପଡ଼ି ଭାଗ୍ୟ ଆଦରି ରହନ୍ତି। ଯାହାର ୨ ରୁ ତିନି ଅଧିକ ପୁଅ ଓ ଝିଅ ଅଛନ୍ତି, ଚାଷ ଯମି, ଘରରୁ ଭାଗ ଓ ଅବସର ପରେ ପାଉ ଥିବା ପେନସନ ବଣ୍ଟା ବୃଦ୍ଧା ବାପ ମାଆ ଚିନ୍ତା ଓ କଷ୍ଟ ର ସିକାର ହୁଅନ୍ତି। କିଛି ନିଜର ଘର ପୁଅ ବୋହୂ ନିର୍ଯାତନା ପାଇଲେ ମଧ ବାହାରେ ପ୍ରକାଶ ନ କରି, ଉପଯୁକ୍ତ ସେବା ଶୁଶ୍ରୁଷା ଅଭାବରୁ ପଡ଼ି ମରନ୍ତି। ଏହି ପରି ଘଟଣା ବହୁଳ ଆକାରେ ଏବେ ଦେଖିବକୁ ମିଳେ। ଆହୁରି ଦେଖିବାକୁ ମିଳେ ବରିଷ୍ଟ ନାଗରିକ, ଯେଉଁ ଅଫିସ କିଛି କାମ ପାଇଁ ବହୁ କଷ୍ଟରେ ଗଲେ ମନ୍ଧ୍ୟ ପୁଅ ,ଝିଅ ,ଭାଇ ,ଭଉଣୀ, ପୁତୁରା ଝିଆରୀ ବୟେସ ଅଧିକାରୀ ଓ ଅଧିକାରିଣୀ, ତାଙ୍କୁ ବସିବା ପାଇଁ କହନ୍ତି ନାହି। ତାଙ୍କ ଠାରୁ ନମସ୍କାର ଚାହାନ୍ତି ନୋହିଲେ ଆଡ ଆଖିରେ ଚାହାନ୍ତି ନାହିଁ, ବସିବା କଥା ବହୁଦୂରେ। ଅଫିସ୍ ଆଗରେ ଠିଆ ହୋଇ ରହିଲେ ମଧ ତାଂକୁ ଆଗେ ଦେଖା କରିବା ପାଇଁ ତାଙ୍କ ଦରଓ୍ୱାନ ଛାଡି ନ ଥାଆନ୍ତି। ଉକ୍ତ ବିଭାଗ ଅଧିକାରୀ ଜାଣି ସୁଦ୍ଧା ବରିଷ୍ଟ ନଗରିକକୁ କିଛି ଅଫିସରେ ସହାନଭୂତି ଦିଅନ୍ତି ନାହିଁ। ଉପରୋକ୍ତ ବିଷୟ ଯୋଗୁ ମାନସିକ ବିକାର ଗସ୍ତ ହୁଅନ୍ତି ।ଏହି ବରିଷ୍ଟ ନାଗରିକ ସମୂହ ଆଜି ଯୁବା ଅଧିକାରୀ କାଲି ବି ଦିନେ ଅବସର ନେବ, ତାଙ୍କର ବହୁତଳ କୋଠା ଓ ଧନ ଟଂକା ସୁନା ଧିବ ,ମାତ୍ର ତାହା ସୁଖ ନୁହେଁ। ଦୁଃଖର କାରଣ ହୁଏ ପୂର୍ବ ଅର୍ଜିତ କର୍ମ ଓ ଧର୍ମ ପ୍ରାପ୍ତ ହୁଏ ।ମନ୍ କଥା ମନରେ ରହେ। ଏବେ ଦେଖା ଯାଉଛି କିଛି ମହିଳା ଅଧିକାରୀ ବରିଷ୍ଟ ନାଗରିକ ବାପ ଓ ଜେଜେ ବଏସ ଲୋକଙ୍କୁ ଦେଖିଲ ଘୃଣା କରନ୍ତି ଓ ତାଙ୍କ ତାଚ୍ଛଲ୍ୟ ଭାଷା ବହୁତ୍ ବାଧେ । ଏହା ନିରାକରଣ ଖୋର୍ଦ୍ଧା ବରିଷ୍ଟ ସଂଘର ଦାବୀ। ବରିଷ୍ଟ ନାଗରୀମାନଙ୍କ ଦାୟିତ୍ୱ ଜଣେ ଦକ୍ଷ କର୍ତ୍ତ୍ୟବ୍ୟନିଷ୍ଟ ପୋଲିସ କର୍ମଚାରୀ ଏସ. .ଆଇ .କୁ ଦିଆ ଯାଉ । ଏହି ପୋଲିସ୍ ଅଧିକରି ମହାଶୟକୁ ଗୋଟିଏ ମଟର ସାଇକେଲ , ପେଟ୍ରୋଲ ଓ ଏକ ଆଣ୍ଡଏଡ ଫୋନ ଦିଆ ଯାଉ। ଯାହା ସରକାରୀ ନିଏମ ଅଛି ।ଖୋର୍ଦ୍ଧା ସହର ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ଦପ୍ତର । ଅନ୍ୟ ଜିଲ୍ଲା ଭଳି ବରିଷ୍ଟ ନାଗରିକ ସୁବିଧା ଅସୁବିଧା ବୁଝିବା ପାଇଁ ଘରକୁ ଯାଇ ଭଲ ମନ୍ଦ ବୁଝନ୍ତୁ, କି ଫୋନ ନମ୍ବର ଦ୍ୱାରା ବୁଝିଲେ ଖୁସୀ ପ୍ରକାଶ କରନ୍ତେ। ତାଙ୍କୁ ସହଜୋଗ କରିବା ପାଇଁ ଜଣେ ଦୁଇ ଜଣ ନିଷ୍ଠାପର କନେଷ୍ଟବଳ ଦେଲେ ସୁବିଧା ହେବ ।ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ଏକ ହଜାର ପରେ ବରିଷ୍ଟ ନାଗରିକ ଅଛନ୍ତି। ପ୍ରଥମେ ଖୋର୍ଦ୍ଧା ଆଦର୍ଶ ଥାନା ସିନିୟର୍ ସିଟିଯେନ ପ୍ରମାଣ ପତ୍ର ଦିଆ ଜାଇଥିଲା। ଏବେର ଭୁବନେଶ୍ୱର କମିଶନର ଥିବା ଶ୍ରୀଯୁକ୍ତ ପ୍ରିୟ ଦର୍ଶନ ସାହୁ ସେଣ୍ଟ୍ରାଲ ଆଇଜି ପୋଲିସ ଥିଲା ବେଳେ ପ୍ରଦାନ କରିଥିଲେ। ପ୍ରଥମ ବରିଷ୍ଟ ନାଗରିକ ଫଟ ସଂଲଗ୍ନ ପ୍ରମାଣ ପତ୍ର ଠିକଣା ସହ ପାଇଥିଲେ ୧,ଶ୍ରୀଯୁକ୍ତ ବିମଳ ଷଡ଼ଙ୍ଗୀ ୨, ଇଶ୍ୱର ଚନ୍ଦ୍ର ମଙ୍ଗରାଜ,୩ ଦେବପ୍ରକାଶ ମଞ୍ଜୁଦାର, ୪,ଜିତେନ୍ଦ୍ର ନାଥ ମିତ୍ର,୫, ଭୀମ ସେନ ପ୍ରଧାନ, ୬,ସତ୍ୟ ବାଦି ବଳୀୟାର ସିଂହ,୭ ଜ୍ଞାନ ରଞ୍ଜନ ଦାସ, ୮,ବୃନ୍ଦାବନ ପଣ୍ଡା,୯ ହାଜି ନାସୃମୂର୍ଦ୍ଦିନ ଖାଁ। ୧୦, କୃଷ୍ଣଚନ୍ଦ୍ର ହରିଚନ୍ଦନ ଆଦି ୧୦୦ ଜଣକୁ ଦେଇଥିଲେ ।। ମାତ୍ର ବରିଷ୍ଟ ନାଗରିକ ପୁସ୍ତିକା ପରେ ମିଳିଁବ ବୋଲି ଶ୍ରୀଯୁକ୍ତ ସାହୁ କହିଥିଲେ। ସେହି ପୁସ୍ତକ ବରିଷ୍ଟ ନାଗରିକ କଣ,କଣ, ସୁବିଧା ପାଇବେ ଲେଖା ଅଛି। ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ସହର ବରିଷ୍ଟ ନାଗରିକ ବାସିନ୍ଦା ପାଇ ନାହାଁନ୍ତି ଜାଣିବା ଶୁଣିବା ମହଲ ଠାରୁ ମିଳେ। ବର୍ତ୍ତମାନ ଖୋର୍ଦ୍ଧା ଥାନା ଅଧିକାରୀ ଜଣେ ସଚ୍ଚୋଟ ଦକ୍ଷ ତାରିଖ ଅହମଦ ଅଛନ୍ତି। ସେ ଚାହିଁଲେ ଖୋର୍ଦ୍ଧା ଏସ.ପି. ଓ ଏସ.ଡି.ପି , ଶ୍ରୀଯୁକ୍ତ ସରୋଜ କୁମାର ଦାସଙ୍କ ସହଯୋଗରେ ମିଳିପାରିବ। ଏହି ଦାବି ବରିଷ୍ଟ ନାଗରିକ ଓ ପେନସନ ଭୋଗୀ ସଂଘ ଦାବି ଉପସ୍ଥାପନ କରିଛନ୍ତି। ଖୋର୍ଦ୍ଧା ବର୍ତମାନ ଏସ . ପି. ଶ୍ରୀଯୁକ୍ତ କାଟେରିଆ ଆଇ .ପି .ଏସ.ଓ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀଯୁକ୍ତ କ.ସୁଦର୍ଶନ ଚକ୍ରବର୍ତ୍ତୀ ଆଇ. ଏ. ଏସ.ଚାହିଁଲେ ବରିଷ୍ଟ ନାଗରିକ ଉପକୃତ ହେବେ। ଏହି ଯୁବ ଅଧିକାରୀ ବୃଦ୍ଧ ଓ ବୃଦ୍ଧା ଙ୍କ କଲ୍ୟାଣ ପ୍ରାପ୍ତ ହେବେ ।ବୃଦ୍ଧ ଓ ବୃଦ୍ଧା ଆଶ୍ରିବାଦ ଇଶ୍ୱରଙ୍କ ବରଦାନ ସଦୃଶ୍ୟ। ଖୋର୍ଦ୍ଧା ସିନିୟର ସିଟିଜନ ସଂଘ ଖୋର୍ଦ୍ଧା ପ୍ରଶାସନ ଓ ପୋଲିସ ପ୍ରସାସନକୁ ନିବେଦନ କରିଛନ୍ତି।

# ଜାତୀୟ ଲୋକକଳା ମହୋତ୍ସବରେ ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଶିଳ୍ପୀ କେଶୁଦାସ ସମ୍ବର୍ଦ୍ଧିତ



ବାଲେଶ୍ୱର, ୦୮/୦୫ (ନି.ପ୍ର): ଓଡ଼ିଶାର ବିଲୁପ୍ତ ପ୍ରାୟ ଲୋକକଳାକୁ ଉଜ୍ଜୀବିତ ରଖି ତା'ର ପ୍ରଚାର ପ୍ରସାର ଓ ବିକାଶ ପାଇଁ କଳାଞ୍ଜଳି ଆର୍ଟିଷ୍ଟି ଟ୍ରଷ୍ଟ ଦ୍ୱାରା ଗତ ୬ ଓ ୭ ତାରିଖ ଦୁଇ ଦିନ ଧରି ଭୁବନେଶ୍ୱରସ୍ଥ ଉତ୍କଳ ମଣ୍ଡପରେ ଏକ ଜାତୀୟ ସ୍ତରୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜୀ ଯୋଗଦେଇ ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳାର ପ୍ରଚାର ପ୍ରସାର ଓ ବିକାଶ ପାଇଁ ସମସ୍ତେ ଆଗେଇ ଆସିବା ସହ ଓଡ଼ିଶାର ଲୋକକଳା ପାଇଁ ଉତ୍ସର୍ଗୀକୃତ ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ଇଣ୍ଡିଆନ୍ ଗୋଲ୍ଡେନ ଏଓ୍ୱାର୍ଡ ୨୦୨୩ରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବାଲେଶ୍ୱରର ଲୋକକଳା ଜଉକଣ୍ଢେଇର ପୁନରୁଦ୍ଧାରକାରୀ ଶିଳ୍ପୀ କେଶୁଦାସ ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମଞ୍ଚରେ ଅନ୍ୟତମ ଅତିଥି ଶ୍ରୀଯୁକ୍ତ ଅଶ୍ୱିନୀ ପାତ୍ର , ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ,ମନ୍ତ୍ରୀ ଶ୍ରୀଯୁକ୍ତ ଆମର ପଟ୍ଟନାୟକ , ସାଂସଦ, ରାଜ୍ୟସଭା ଶ୍ରୀଯୁକ୍ତ ବାଇଲଡୁ ପାଣିଗ୍ରାହୀ , ସଭାପତି, କଳାଞ୍ଜଳି ଆର୍ଟିଷ୍ଟି ଟ୍ରଷ୍ଟ , ଇଭୋସ କାର୍ଯ୍ୟକାରୀ ମୁଖ୍ୟ ରବିନ୍ ଭଟ୍ଟନାଗର ପ୍ରମୁଖ ଯୋଗ ଦେଇଥିଲେ । ଦୁଇଦିନ ଧରି ଓଡ଼ିଶା ତଥା ଅନ୍ୟ ରାଜ୍ୟର ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଟ୍ରଷ୍ଟର ମୁଖ୍ୟ ରାମେଶ୍ୱରୀ ରଥ ଓ ଉଦଘୋଷକ ଶିବାନନ୍ଦ ବାରିକ ସହ ଶହ ଶହ ଲୋକକଳା କଳାକାର ଓ କଳାପ୍ରେମୀ ଯୋଗ ଦେଇଥିଲେ । ପ୍ରକାଶ ଥାଉ କି ଶିଳ୍ପୀ କେଶୁଦାସ ଏଥିପୂର୍ବରୁ ଓଟିଭି ସିଟିଜେନ ଏଓ୍ୱାର୍ଡ ସହ ବହୁ ଜାତୀୟ ଓ ରାଜ୍ୟ ସ୍ତରୀୟ ପୁରସ୍କାର ପାଇ ବାଲେଶ୍ୱର ପାଇଁ ଗର୍ବ ଆଣିଛନ୍ତି । ଖବର ପ୍ରଚାରିତ ହେବା ପରେ ବହୁ ପ୍ରଶଂସକଙ୍କର ଶୁଭେଚ୍ଛାର ସୁଅ ଛୁଟିଥିଲା ।

# ଜଳଯୋଗାଣ କର୍ମଚାରୀମାନଙ୍କ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ହେବ

ବାରିପଦା , ୦୮/୦୫ (ନି.ପ୍ର): ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍କଚାର୍ଜ କର୍ମଚାରୀ, ଏସ.ଇ.ଏମ. କର୍ମଚାରୀ, ଅସ୍ଥାୟୀ କର୍ମଚାରୀ ମାନଙ୍କ ବହୁବିଧ ସମସ୍ୟା ସଂପର୍କରେ ଓଡିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ ବହୁବାର ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ମାଧ୍ୟମରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ଆଲୋଚନା ହୋଇ ମଧ ସମସ୍ୟା ସମାଧାନରେ ବିଳମ୍ବ ଯୋଗୁଁ କର୍ମଚାରୀ ମହଲରେ ଘୋର ଅଶାନ୍ତି ଓ ଅସନ୍ତୋଷ ସୃଷ୍ଟି ହୋଇଛି । ୱାର୍କଚାର୍ଜ କର୍ମଚାରୀମାନଙ୍କୁ ରେଗୁଲାର କର୍ମଚାରୀର ମାନ୍ୟତା ସହ ପେନସନ ପ୍ରଦାନ, ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ତୁଲାଇଥିବା ଏସ.ଇ.ଏମ. କର୍ମଚାରୀ ମାନଙ୍କୁ ଦୈନିକ ସର୍ବନିମ୍ନ ମଜୁରୀ, ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଇତ୍ୟାଦି ଦାବି ଦୀର୍ଘ ବର୍ଷ ଧରି କରାଯିବା ପରେ ମଧ କାର୍ଯ୍ୟକାରୀ ହୋଇପାରିନଥିବାରୁ ରାଜ୍ୟ ସଂଗଠନ ତରଫରୁ ରବିବାର ବାରିପଦା ଟାଙ୍କିସାହି ସ୍ଥିତ ସଂଘ କାର୍ଯ୍ୟାଳୟରେ ଉତରାଞ୍ଚଳ ଜୋନର ଭଦ୍ରକ, ବାଲେଶ୍ୱର, ବାରିପଦା, ରାଇରଙ୍ଗପୁର, କେନ୍ଦୁଝର ଜିଲ୍ଲାର ଶହ ଶହ କର୍ମଚାରୀ ଏକାଠି ହୋଇ ବ୍ୟାପକ ଆନ୍ଦୋଳନ ପାଇଁ ନିଷ୍ପତି ନେଇଛନ୍ତି. ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ କର୍ମଚାରୀମାନଙ୍କୁ ପୁରୁଣା ପେନ୍‌ସନ୍ ପ୍ରଦାନ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତି ନିଆଯାଇଛି ଏବଂ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ରାଜ୍ୟ ସଂଘର ସଭାପତି ହୃଷିକେଶ ସେଠୀ ପ୍ରକାଶ କରିଛନ୍ତି । ବୈଠକରେ ରାଜ୍ୟ ସାଧାରଣ ସଂପାଦକ ମନୋଜ କୁମାର ମହାନ୍ତି, କେନ୍ଦ୍ର କମିଟି ସଦସ୍ୟ ସୁରେନ୍ଦ୍ର ସାମଲ, କୁନା ନାୟକ, ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ସଂପାଦକ ମନୋଜ ରାଉତ, ରାମ ଦାସ, ଶ୍ରୀକାନ୍ତ ଶତପଥୀ, ସୁରେଶ ରଣା, କୁନ୍ଦନ ଭଞ୍ଜ, ଆଲୋକ ଦାସ, ସନ୍ତୋଷ ପଣ୍ଡା, ଯଯାତି କେଶରୀ ନାୟକ, ଅଖତର ହୁସେନ ଓ ପଲ୍ଲଭ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୦୮/୦୫ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ଆଜି ଧାମନଗର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୩ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ୬୦ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଓ ୦୩ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ସି.ଡ଼ି.ଏମ୍.ଓ. ଡ଼ା ସନ୍ତୋଷ କୁମାର ପାତ୍ର, ଧାମନଗର ବି.ଡ଼ି.ଓ. ବନ ବିହାରୀ ଦିଣ୍ଡା ପ୍ରମୁଖ ମଧ୍ୟ ଏହି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଉକ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକତା ମତେ ସହଯୋଗ କରିଥିଲେ । ଏ.ବି.ଡ଼ି.ଓ. ଶର୍ମିଷ୍ଠା ମଲ୍ଲିକ୍ , ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ୍ ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁସଂଗିକ ସହଯୋଗ କରିଥିଲେ । ସହାୟକ ଜିଲ୍ଲାପାଳ ଚିତ୍ତରଂଜନ ସେଠୀ ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ୨ଟି ତିନି ଚକିଆ ସାଇକେଲ୍ ଓ ଗୋଟିଏ ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା ।



## ପୁରୀରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ପୁରୀ, ୦୮/୦୫ (ନି.ପ୍ର): ରେଡକ୍ରସ ବିଶ୍ୱ ର ସର୍ବ ବୃହତ ମାନବ ସେବାକାରୀ ଅନୁଷ୍ଠାନ।ଏହା ଯୁଦ୍ଧ କ୍ଷେତ୍ରରେ ମଧ୍ୟ ଭେଦଭାବ ନରଖି ସେବା ଦେଇ ଥାଏ। ପୁରୀ ଜିଲ୍ଲା ରେଡକ୍ରସ ଶାଖା ସେହିପରି ମାନବସେବା କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଓ ଏହି ସେବା କୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ। ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରେଡ଼କ୍ରସ ପତାକାକୁ ଉତୋଳନ କରିବା ସହ ଆଗାମୀ ରଥଯାତ୍ରା ରେ ରେଡକ୍ରସ ସ୍ୱଛାସେବୀମାନେ ଉତ୍କୃଷ୍ଟ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ମୁଖ୍ୟ ଚିକିତ୍ସାଳୟ, ନୀଳାଦ୍ରି ନୀଳୟ, ଚନ୍ଦନ ହଜୁରୀ ଶିଶୁ କେନ୍ଦ୍ର, କମଳାଦେବୀ ମାତୃ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳବଂଟନ କରାଯାଇଥିଲା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅପରାହ୍ନ ରେ ନୂତନ ରେଡକ୍ରସ ଭବନର ଉଦଘାଟନ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ, ଗୋପ ବିଡ଼ିଓ ଦିପ୍ତୀ ରାଣୀ ସାହୁ, ସତ୍ୟବାଦୀ ବିଡ଼ିଓ ଲୋଚନ ଦାସ ପ୍ରମୁଖଙ୍କ ଉପସ୍ଥିତରେ କରାଯାଇଥିଲା।

# ଧାନ ଅମଳର ୧୫ ଦିନ ବିତିଲାଣି : ଖୋଲୁନି ମଣ୍ଡି, ଚିନ୍ତାରେ ଚାଷୀ

ଜଳେଶ୍ୱର ୮/୫ (ନି.ପ୍ର): ଚଳିତ ରବି ଋତୁରେ ଧାନ ଅମଳର ୧୫ ଦିନ ବିତିଲାଣି, କିନ୍ତୁ ଜଳେଶ୍ୱରର ୧୯ଟି ସମବାୟ ସମିତିରୁ ଗୋଟିଏ ହେଲେ ଖୋଲିନଥିବାରୁ ଚାଷୀମାନେ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି । ପଶ୍ଚିମବଂଗର ବେପାରୀ କବ୍ଜାରେ ଜଳେଶ୍ୱରର ଚାଷୀମାନେ ପଡିଥିବାରୁ ଧାନର ପ୍ରକୃତ ମୂଲ୍ୟରୁ କ୍ୱିଣ୍ଟାଲ ପ୍ରତି ୫ଶହ ଟଙ୍କା କମ୍‌ରେ ଚାଷୀ ବିକ୍ରି କରିବାକୁ ବାଧ୍ୟ ହେଉଛି । ଚଳିତବର୍ଷ ରବି ଋତୁରେ ୬ହଜାର ହେକ୍ଟର ଜମିରେ ରବିଧାନ ଚାଷ ହେବାର କୃଷି ବିଭାଗ ଆକଳନ କରିଥିବା ବେଳେ ବାସ୍ତବରେ ଏହା ଅଧିକ । ଗତ ଅକ୍ଟୋବର ମାସରୁ ବର୍ଷା ନଥିବା ବେଳେ ଭୂତଳ ଜଳସ୍ତର ୧୦୦ ଫୁଟରୁ ଅଧିକ ତଳକୁ ଖସି ଯାଇଛି । ତଥାପି ଚଳିତବର୍ଷ ଜଳେଶ୍ୱର ଅଂଚଳରେ ରବିଧାନ ଚାଷ ଭଲ ହୋଇଥିଲା । ଉତ୍ପାଦନ ମଧ୍ୟସନ୍ତୋଷ ଜନକ ହୋଇଥିବାରୁ ନିର୍ଦ୍ଦିଷ୍ଟ ସମୟରେ ଚାଷୀ ଧାନ ଅମଳ କରିଛି । ପ୍ରତି ଏକରକୁ ଚାଷୀ ୩୦ କ୍ୱିଣ୍ଟାଲରୁ ଅଧିକ ଧାନ ଅମଳ ପାଇଥିବା ବେଳେ ବିକ୍ରି କରିବାଲାଗି କୌଣସି ସୁବିଧା ସୁଯୋଗ ପାଇନାହିଁ । ଜଳେଶ୍ୱର ବ୍ଲକରେ ଥିବା ୧୯ଟି ସେବା ସମବାୟ ସମିତି ଅଧିନରେ ପ୍ରାୟ ୭ହଜାର ଚାଷୀ ନାମ ପଂଜିକରଣ କରିଥିବା ବେଳେ ଅଦ୍ୟାବଧି କୌଣସି ମଣ୍ଡି ଖୋଲିନଥିବାର ଜଣାଯାଇଛି । ଚଳିତବର୍ଷ ଧାନର ସହାୟକ ମୂଲ୍ୟ ୨୦୪୦ ଟଙ୍କା ଥିବା ବେଳେ ବାସ୍ତବରେ ପଶ୍ଚିମବଂଗର ଦଲାଲ ମାନେ ୧୪ଶହ ଟଙ୍କାରେ ଚାଷୀଙ୍କ ଠାରୁ ନେଇଯାଉଛନ୍ତି । ପ୍ରତି ଗାଁରେ ପଶ୍ଚିମବଂଗର ଦଲାଲ ଦ୍ୱାରା ୩ କିମ୍ୱା ୪ଟି ଧାନଖଟି ରହିଛି । ଏବେ ଧାନ ଅମଳ ଲାଗି ଖର୍ଚ୍ଚ ଓ ସାର ଔଷଧ ଲାଗି କରିଥିବା କରଜ ସୁଝିବାକୁ ଧାନ ବିକ୍ରି ଏକମାତ୍ର ବିକଳ୍ପ ଥିବା ବେଳେ ଚାଷୀ ବିକ୍ରିକରିନପାରି ହଇରାଣ ହରକତ ହେଉଛି । ଅତିଶୀଘ୍ର ମଣ୍ଡି ଖୋଲିବାକୁ ଦାବି ହେଉଛି ।

# ଓଡିଶା ଝୁମର ଏକାଡେମୀ ତରଫରୁ ଝୁମର ବିଶାରଦା ଡ.ବୀଣାପାଣି ମହାନ୍ତଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୦୮/୦୫ (ନି.ପ୍ର): ଅପରାହ୍ନରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ଓଡିଶା ଝୁମର ଏକାଡେମୀ ତରଫରୁ ବିଶିଷ୍ଟ ଝୁମର ଗବେଷିକା ଡ. ବୀଣାପାଣି ମହାନ୍ତଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡି. ଲିଟ୍. ଉପାଧି ମିଳିବା ପରେ ସମ୍ବର୍ଦ୍ଧିତ କରାଯାଇଛି । ସେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡିଶା ଓ ଆସାମରେ ଝୁମର କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ସମେତ ଅନେକ ଦେଶରେ ସେ ଝୁମର ଉପରେ ଆଲୋଚନା ଓ ସଙ୍ଗୀତ ପରିବେଷଣ କରି ପ୍ରସଂଶିତ ହୋଇଛନ୍ତି । ଏକାଡେମୀର ସଭାପତି ଆଡଭୋକେଟ ଅବନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି, ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀ ମୁଖ୍ୟବକ୍ତା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦୂର୍ଗାଚରଣ ପାତ୍ର ସମ୍ମାନିତ ଅତିଥି ଓ ଡ.ହୃଦାନନ୍ଦ ମହାନ୍ତ ସମନ୍ୱିତ ବକ୍ତାଭାବେ ଯୋଗଦେଇ ଥିଲେ । ଉପଦେଷ୍ଟା ଅଧ୍ୟାପକ ଗୋପବନ୍ଧୁ ସଭାକାର୍ଯ୍ ?ଯ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ବସନ୍ତ କୁମାର ମହାନ୍ତ ବିବରଣୀ ପ୍ରଦାନ କରିଥିଲେ । ଅଧ୍ୟାପକ ଶ୍ରୀଲିପ୍ତ ଜୟପ୍ରକାଶ ସମ୍ବର୍ଦ୍ଧନା ପତ୍ର ପାଠ କରିଥିବା ବେଳେ ପ୍ରତିଭା ମହାନ୍ତ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ । ଏକାଡେମୀର କୋଷାଧ୍ୟକ୍ଷ ଛୋଟଲାଲ ମହାନ୍ତ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଡ.ଭକ୍ତହରି ମହାନ୍ତ, ପଛାବିହୀନ ସଂଘର ସଭାପତି ନନ୍ଦକୁମାର ମହାପାତ୍ର, ପ୍ରାଧାପିକା କଳ୍ପନା ମହାନ୍ତ, ଆଡଭୋକେଟ୍ ସୁକୁମାର ତ୍ରିପାଠୀ, ଅଙ୍ଗନବାଡି ତାଲିମ କେନ୍ଦ୍ରର ପୂର୍ବତନ ଅଧକ୍ଷା ଶାନ୍ତନା ମହାନ୍ତ, ମୋରଡ଼ା ବ୍ଲକ ଉପାଧକ୍ଷା ଜେମାମଣି ମହାନ୍ତ, ଓବିସି ମଞ୍ଚର ସମ୍ପାଦକ ରବିନ୍ କୁମାର ଦଣ୍ଡପାଟ, ଡ. ଅଶୋକ ମହାନ୍ତ, ବରିଷ୍ଠ ରାଜନିତୀଜ୍ଞ ବୈଦନାଥ ମହାନ୍ତ, କମଳେନ୍ଦୁ ମହାନ୍ତ ପ୍ରମୁଖ ଯୋଗଦେଇ ଥିବା ବେଳେ ଆଶିଷ କୁମାର ବଶା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ



ନୀଳଗିରି, ୦୮/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ ଓ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ସୋମବାର ଦିନ ସକାଳ ୮ଟା ସମୟରେ ନୀଳଗିରି ବ୍ଲକର ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ବିଭିନ୍ନ ପଂଚାୟତରୁ ମୋଟ ୯୫ ଗୋଟି ଅଭିଯୋଗକୁ ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ଭାଉ ସାହେବ ସିନ୍ଧେ ଓ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଶୁଣାଣି କରିଥିଲେ । ଅଧିକାଂଶ ଅଭିଯୋଗ ମନରେଗା କାର୍ଯ୍ୟ ଉପରେ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟଭତା, ବିଦ୍ୟୁତ୍ ,ଜମିଜମା ସଂକ୍ରାନ୍ତିୟ , କୃଷି ଓ ଜଳସେଚନ, ରାସ୍ତାଘାଟ, ଡ୍ରେନେଜ ଆଦି ସାମୁହିକ ଅଭିଯୋଗ ଆସିଥିଲା । ସମସ୍ତ ଅଭିଯୋଗକୁ ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଏହି ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ବିଶ୍ୱରଂଜନ ନାୟକ, ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏସ.ଏସ. ଚୌଧୁରୀ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଲିକ, ନୀଳଗିରି ତହସିଲଦାର ରଂଜନ ବେହେରା, ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଦାସ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ସମେତ ବହୁ ପଦସ୍ଥ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ସମେତ ବହୁ ପଂଚାୟତରୁ ଆସିଥିବା ବହୁ ହିତାଧିକାରୀ ଉପସ୍ଥିତ ଥିଲେ ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ କନ୍ୟା ସବିତା



ଉଦଳା, ୦୮/୦୫ (ନି.ପ୍ର): କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଚତୁରୀଘାଟି ଗ୍ରାମର ବାସିନ୍ଦା ପୂର୍ଣ୍ଣ ମାର୍ଣ୍ଡିଙ୍କ କନ୍ୟା 'ସବିତା' ସପ୍ତମ ଶ୍ରେଣୀ ପାସ କରିବା ପରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣା ଯାଇଛି । ଘଟଣାରୁ ଜଣାଯାଏ ସବିତାଙ୍କ ମା' ସାର ମାର୍ଣ୍ଡିଙ୍କର ଆଜକୁ ୫ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ପିଲାଟି ଦିନରୁ ସବିତା ମା'ର ସ୍ନେହ ମମତାରୁ ବଂଚିତ ଅଛନ୍ତି । କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସବିତା ପାଠ ପଢ଼ା ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସବିତା ପୁଣି ଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସବିତା ପାଠ ପଢ଼ା ସମ୍ପୂର୍ଣ୍ଣ ଛାଡ଼ିଦେବାକୁ ବାଧ ହେଲେ । ସବିତାଙ୍କୁ ବର୍ତମାନ ବୟସ ୧୫ ଛୁଇଁଲା । ଓଡ଼ିଶା ସରକାର ମାଗଣା ଓ ବାଧତା ମୂଳକ ଶିକ୍ଷା ବ୍ୟବସ୍ଥା ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଲାଗୁ କରିଛନ୍ତି । ଏହି ବୟସ ସୀମାକୁ ୧୮ ବର୍ଷକୁ ବୃଦ୍ଧି କରାଯାଉ ବୋଲି ସାଧାରଣରେ ଦାବୀ ହେଉଛି । ଏହାଦ୍ୱାରା ସବିତାଙ୍କ ପରି ବହୁ ଛାତ୍ର ଛାତ୍ରୀ ପୁଣି ଥରେ ବିଦ୍ୟାଳୟକୁ ଯାଇ ପାଠ ପଢ଼ିବାର ସୁଯୋଗ ପାଇବେ ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଏହାଦ୍ୱାରା ବାଲ୍ୟ ବିବାହ ଜନିତ ଦେଶକୁ ମାଡ଼ି ଆସୁଥିବା ବିପଦକୁ ମଧ୍ୟ ରୋକାଯାଇପାରିବ ବୋଲି ଅନେକ ମତ ଦେଇଛନ୍ତି ।

# ପାଇକସିଦା ଗାଁରେ ନିଶାକୁ ନାଁ କାର୍ଯ୍ୟକ୍ରମ




ଜଳେଶ୍ୱର , ୦୮/୦୫ (ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ ନିଶା କାରବାର ଚାଲିଥିବାରୁ ତାର ପ୍ରତିରୋଧ ଲାଗି କେତେକ ସାମାଜିକ ସଂଗଠନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେଥିରୁ ବିଶ୍ୱାସ ସାମାଜିକ ସଂଗଂନ ବିଭିନ୍ନ ସ୍ଥାନରେ ନିଶା ବିରୋଧରେ ସଚେତନତା ସୃଷ୍ଟି ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଛି । ଆଜି ପାକିସିଦା ଗାଁରେ ଏପରି କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ମହିଳା, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ନିଶାଦ୍ୱାରା ଅତିଷ୍ଠ ହୋଇ ସେମାନେ ନିଶା ବ୍ୟବହାର କରୁଥିବା ଓ ବିକ୍ରି କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟକ୍ରମ ଲାଗି ଅଣ୍ଟା ଭିଡିଛନ୍ତି । ଆଜି ବିଶ୍ୱାସର ସାଧାରଣ ସଂପାଦକ ସଂଗ୍ରାମ କେଶରୀ ପରିଡାଙ୍କ ଅଧ୍ୟକ୍ଷତାରେ ପାଇକସିଦା ଗାଁରେ ନିଶାକୁ ନାଁ, ମାକୁ ସମ୍ମାନ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଇକସିଦା ଗାଁ ଠାରୁ କେଶପୁରାଯାଏ ଶୋଭାଯାତ୍ରା ଦ୍ୱାରା ନିଶାମୁକ୍ତ ସମାଜ ଗଠନର ନାରା ଦିଆଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ସରପଂଚ ସରସ୍ୱତୀ ସେଠୀ, ଶଶାଂକ ଆଚାର୍ଯ୍ୟ, ସମିତି ସଭ୍ୟ ନମିତା ଜେନା, କାହ୍ନୁଚରଣ ମହାନ୍ତି, କାଂଚନ ନାୟକ, ପର୍ଶୁରାମ ସେନାପତି, ନାରାୟଣ ଚନ୍ଦ୍ର ସାହୁ, ନରୋତ୍ତମ ସେଠୀ, ବାବୁ ଚରଣ ଜେନା, ଗଗନ କୁମାର ଜେନା ପ୍ରମୁଖ ବକ୍ତବ୍ୟ ରଖି କିଛିଦିନ ପୂର୍ବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଶା ସଚେତନତା କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ । ଏପରି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଦାହ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୦୮/୦୫ (ନି.ପ୍ର): ବ୍ରହ୍ମପୁର ହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଦାହ ରୋଗ ସଚେତନତା ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆଜି ସକାଳେ ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ଦାହ ରୋଗ ସମ୍ବନ୍ଧରେ ସଚେତନ କରାଇଥିଲେ । ମଦ୍ୟପାନ, ଶ୍ୱେତ ପ୍ରଦର, ଖରାରେ ଅଧିକ ପରିଶ୍ରମ କରିବା, ରାତ୍ର ଅନିଦ୍ରା, ଅପରେସନ ପରେ ଓ ସପ୍ତଧାତୁ କ୍ଷୟ ହେଲେ ପିତ ବାତ ବୃଦ୍ଧି ହୋଇ ଦାହ ରୋଗ ହୁଏ । ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମ ଋତୁରେ ହାତ ପାଦ ତାଳୁ, ଆଖି ଜଳା ପୋଡା ବା ଦାହ ହୁଏ ।

# ଭାରସାମ୍ୟ ହରାଇ ପୋଲର ବାଡ଼ାକୁ ଧକ୍କାଦେଲା ଟ୍ରକ: ହେଲପର ଆହତ



ବସ୍ତା, ୦୮/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ର ଗୁଡିଖାଲ ଛକ ନିକଟରେ ଭାରସାମ୍ୟ ହରାଇ ବ୍ରିଜ ରେ ପିଟିଲା ଆଇଚରକମ୍ପାନୀ ନଂ ଡବ୍ଲ୍ୟୁ ବି ୫୧ଡ଼୩୫୪୫ ଟ୍ରକ , ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଥିବା ବେଳେ ହେଲପର କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସପିଟାଲ ରେ ଭର୍ତ୍ତି କରାଯାଇଛି, ପଶ୍ଚିମବଙ୍ଗ ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଟ୍ରକ ଟି ଭାରସାମ୍ୟ ହରାଇ ଦ୍ରୁତଗତିରେ ଆସି ବ୍ରିଜ ରେ ପିଟି ହୋଇ ଥିଲା, ଘଟଣା ସ୍ଥଳରେ ଜାତୀୟ ରାଜପଥ ପୋଲିସ ପେଟ୍ରୋଲିଂ ଭ୍ୟାନ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିବା ବେଳେ ବସ୍ତା ପୋଲିସ ପହଞ୍ଚି ଟ୍ରକ ଜବଦ କରି ଅଧିକ ତଦନ୍ତ ଜାରି ରଖିଛି ।

# ଶାନ୍ତିକାନନର ସାରସ୍ୱତ ପରିବେଶ ହିଁ ମନରେ ଶାନ୍ତି ଆଣେ

## 'ଗୋକର୍ଣ୍ଣିକା ସାହିତ୍ୟ ସମାଜ'ର ସାରସ୍ୱତ ସମାବେଶ ଓ ସମ୍ବର୍ଦ୍ଧନା ପର୍ବ



ବାଲେଶ୍ୱର, ୦୮/୦୫ (ନି.ପ୍ର): "ମୁଁ ଯେତେବେଳେ ମାନସିକ ବିଷାଦଗ୍ରସ୍ତ ହୁଏ, ସେତେବେଳେ ସୁଯୋଗ ଖୋଜେ କବିତୀର୍ଥ ଶାନ୍ତିକାନନର ସାରସ୍ୱତ ପରିବେଶରେ ନିଜକୁ ସାମିଲ କରିବାକୁ। ଏଠାକୁ ଆସିଲେ ମୁଁ ମନରେ ପରମ ଆନନ୍ଦ ଅନୁଭବ କରିପାରେ।" ଫକୀରମୋହନ ସାହିତ୍ୟ ପରିଷଦ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାରସ୍ୱତ ସମାବେଶ ଓ ସମ୍ବର୍ଦ୍ଧନା ପର୍ବକୁ ଉଦ୍‌ଘାଟନ କରିବା ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହିଭଳି ବକ୍ତବ୍ୟ ରଖିଥିଲେ। ଗୋକର୍ଣ୍ଣିକାର ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ମନୋରମ ସାରସ୍ୱତ ଉତ୍ସବରେ ବିଶିଷ୍ଟ କବି ଗୌତମ ଜେନା ମୁଖ୍ୟଅତିଥି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମକାଳୀନ ସାହିତ୍ୟ ଓ ଭାଷା ସୁରକ୍ଷା ସଂପର୍କିତ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ଉପସଭାପତି ଦୀନବନ୍ଧୁ ଲେଙ୍କା, ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ବିଶିଷ୍ଟ ଗବେଷକ ରବୀନ୍ଦ୍ର ବିହାରୀ ଯୋଗ ଦେଇ ଉଭୟ ଅନୁଷ୍ଠାନର ସାରସ୍ୱତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟଙ୍ଗକାର ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା, ଗାଳ୍ପିକ ନିବାରଣ ଜେନା, କବି ଶ୍ରୀଦେବ, ଗବେଷକ ଡ. ଅଜୟ କୁମାର ପଣ୍ଡା ଓ ଅଧ୍ୟାପିକା ରଶ୍ମିରାଣୀ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅଧ୍ୟାପିକା ରଶ୍ମିରାଣୀ ଦାସଙ୍କ କବିତା ପୁସ୍ତକ 'ପାପୁଲିଏ ତାରା' ଉନ୍ମୋଚିତ ହୋଇଥିଲା। ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo